ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.119 Bhubaneswar Wednesday, June 23, 2021 | ୨୪ତମ ବର୍ଷ ସଂଖ୍ୟା–୧୧୯ ଭୁବନେଶ୍ୱର, ବୁଧବାର, ଜୁନ୍ ୨୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS



ନୂଆଦିଲ୍ଲୀରେ ମିଳିତ ଏଭରେଷ୍ଟକୁ ମିଳିତ ଅଭିଯାନର ପତାକା ଉତ୍ତୋଳନ ଉତ୍ସବରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଜବାହର ଇନଷ୍ଟିଚ୍ୟୁଟ ଅଫ୍ ପର୍ବତାରୋହଣ ଏବଂ ଶୀତକାଳୀନ କ୍ରୀଡ଼ା, ପହଲଗାମ ଏବଂ ନେହେରୁ ଇନଷ୍ଟିଚ୍ୟୁଟ ଅଫ୍ ପର୍ବତାରୋହଣ, ଉତ୍ତରକାଶିଙ୍କ ଟିମ୍ ସହିତ ଯୋଗ ଦେଇଛନ୍ତି

## ଗୋଟିଏ ଦିନରେ ୨୯୫୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୨।୬(ପ.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୯୫୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୮୩୪୯୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୮୪୪୮୦୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୩୪୯୬୫ ରହିଛି । ଆଜି ଚିହ୍ନଟ ହୋଇଥିବା ୨୯୫୭ ଜଣଙ୍କ ମଧ୍ୟରୁ ୧୬୯୮ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୫୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୪୦୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡ଼ିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୪୭ ଜଣ, ବରଗଡ଼ରୁ ୪୧ ଜଣ, ଭଦ୍ରକରୁ ୧୯୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୪୭, କଟକରୁ ୨୭୨ ଜଣ, ଦେବଗଡ ଜିଲ୍ଲାରୁ ୧୦ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୨ ଜଣ, ଗଜପତି ଜିଲ୍ଲାରୁ ୨୪ , ଗଞ୍ଜାମରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୦୩ ଜଣ, ଯାଜପୁରରୁ ୨୬୦ ଜଣ, ଝାରସୁଗୁଡ଼ାରୁ ୩ ଜଣ, କଳାହାଣ୍ଡିରୁ ୩୮ ଜଣ, କନ୍ଧମାଳ ଜିଲ୍ଲାରୁ ୫୧ ଜଣ. କେନ୍ଦ୍ରାପଡ଼ାରୁ ୧୧୬ ଜଣ, କେନ୍ଦୁଝରରୁ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୦୮ ଜଣ, କୋରାପୁଟରୁ ୬୦ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୩୫ ଜଣ, ନବରଙ୍ଗପୁରରୁ ୪୫ ଜଣ, ନୟାଗଡ଼ରୁ ୧୧୨ ଜଣ, ନୂଆପଡ଼ାରୁ ୧୦ ଜଣ, ପୁରୀରୁ ୨୧୯ ଜଣ, ରାୟଗଡ଼ାରୁ ୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୮ଜଣ, ସୋନପୁରରୁ ୨୫ ଜଣ, ସୁନ୍ଦରଗଡ଼ରୁ ୫୮ ଜଣ ଓ ଷ୍ଟେଟ୍ ପୁଲରୁ ୭୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ମୋଟ ୨୮.୮୭ କୋଟି ଡୋଜ ଟିକା ବିନିଯୋଗ ହୋଇସାରିଲାଣି

ନୂଆଦିଲ୍ଲୀ, ୨୨।୬(ପ.ଏନ): ଭାରତ ଗୋଟିଏ ଦିନରେ ୮୬.୧୬ ଲକ୍ଷ ଟିକା ଡୋଜ ବିନିଯୋଗ କରିଛି; ବିଶ୍ୱରେ ଏପର୍ଯ୍ୟନ୍ତ ହାସଲ ହୋଇଥିବା ଦିନିକିଆ ଟିକାକରଣରେ ଏହା ସର୍ବାଧିକ ।ଦେଶବ୍ୟାପୀ ଚାଲିଥିବା ଟିକାକରଣ ଅଭିଯାନ ଅଧୀନରେ ଏ ପର୍ଯ୍ୟନ୍ତ ମୋଟ ୨୮.୮୭ କୋଟି ଡୋଜ ଟିକା ବିନିଯୋଗ ହୋଇସାରିଲାଣି ।ଗତ ୨୪ ଘଣ୍ଟା ମଧ୍ୟରେ ଭାରତର ଦୈନିକ ସକ୍ରିୟ କରୋନା ମାମଲା ସଂଖ୍ୟା ୪୨,୬୪୦ ରହିଛି, ଯାହା ଗତ ୯୧ ଦିନ ମଧ୍ୟରେ ୫୦,୦୦୦ ତଳକୁ ଆସିଛି । ଭାରତର ମୋଟ ସକ୍ରିୟ କରୋନା ମାମଲା ସଂଖ୍ୟା ୬,୬୨,୫୨୧ କୁ ହ୍ରାସ ପାଇଛି; ୭୯ ଦିନ ପରେ ଏହା ୭ ଲକ୍ଷରୁ କମ୍ ରହିଛି । ବର୍ତମାନ ସୁଦ୍ଧା ସାରା ଦେଶରେ ମୋଟ ୨,୮୯,୨୬,୦୩୮ ଜଣ କରୋନା ରୋଗୀ ସୁସ୍ଥ ହୋଇଛନ୍ତି ।

## କମ୍ପାନୀଠାରୁ ସିଧା ଟିକା କିଣିବେ ଘରୋଇ ହସ୍ପିଟାଲ

ଭୁବନେଶ୍ୱର, ୨୨।୬(ପ.ଏନ) :କେନ୍ଦ୍ର ସରକାରଙ୍କ ପରିବର୍ତିତ ଟିକାକରଣ ନୀତି ଲାଗୁ ହେବା ପରେ ଘରୋଇ ହସ୍ପିଟାଲ ଗୁଡ଼ିକ ସର୍ଭିସ ଚାର୍ଜ ନେଇ ଦେଉଥିବା ଟିକାକୁ ବନ୍ଦ କରି ଦିଆଯାଇଛି। ଘରୋଇ ହସ୍ପିଟାଲ ଗୁଡ଼ିକ ଚାହିଁଲେ ଆଜି ଠୁ ସିଧାସଳଖ ଭ୍ୟାକ୍ସିନ ପ୍ରସ୍ତୁତକାରୀ କମ୍ପାନୀ ଠୁ ଟିକା କିଣି ଦେଇପାରିବେ। ସରକାର ଯେଉଁ ଦର ଧାର୍ଯ୍ୟ କରିଛନ୍ତି ସେହି ଦର ଅନୁଯାୟୀ ଟିକାକରଣ କରିବେ। କୋଭିସିଲ୍ଡ ଟିକା ୭୮୦ ଟଙ୍କା ଓ କୋଭାକ୍ସିନ ଟିକା ୧୪୧୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହି ଦର ଅନୁଯାୟୀ ସେମାନେ ଟିକାକରଣ କରି ପାରିବେ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି ।ଏଥିସହିତ ତୃତୀୟ ଲହର ଆସିବା ପୂର୍ବରୁ ଅଧିକରୁ ଅଧିକ ଲୋକଙ୍କୁ ଟିକାକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଗତକାଲି ୧୬୧୩ଟି ଟିକାକରଣ କେନ୍ଦ୍ରରେ ୩ ଲକ୍ଷ ୩୨ହଜାର ୭୧୭ ଜଣଙ୍କୁ ଟିକାକରଣ କରାଯାଇଛି। ରାଜ୍ୟରେ ୧ କୋଟିରୁ ଅଧିକ ଟିକାକରଣ ହୋଇଛି। ରାଜ୍ୟର ବର୍ତମାନ କୋଭିସିଲ୍ଡ ଟିକା ୬ ଲକ୍ଷ ୯୮ହଜାର ଓ କୋଭାକ୍ସିନ ଟିକା ୪ ଲକ୍ଷ ୩୦ ହଜାର ମହଜୁଦ ରହିଛି। ଆଜି ମଧ୍ୟ ୧ ଲକ୍ଷ ୭୪ ହଜାର ୪୬୦ କୋଭିସିଲ୍ଡ ଟିକା ପହଂଚିବ ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ।

## ରାଜଧାନୀରେ ବଢ଼ିଲା ସଂକ୍ରମଣ, କମିଲେ ସୁସ୍ଥ : ୨୪ ଘଂଟାରେ ୩୩୯ ପଜିଟିଭ୍ , ୩୯୦ ସୁସ୍ଥ

ଭୁବନେଶ୍ୱର, ୨୨।୬(ପ.ଏନ): ରାଜଧାନୀରେ ପୁଣି ବଢ଼ିଲା ସଂକ୍ରମଣ। ଗତ କିଛି ଦିନ ଧରି ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ କ୍ରମାଗତ ଭାବେ କମ୍ ରହୁଥିଲା। ଗତ ୨ ଦିନ ସଂକ୍ରମଣ ହାର ୩୦୦ ତଳେ ରହୁଥିବା ବେଳେ ସୁସ୍ଥଙ୍କ ସଂଖ୍ୟା ଦୁଇଗୁଣା ରହୁଥିଲା। ମାତ୍ର ଆଜି ପୁଣି ଥରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ମଙ୍ଗଳବାର ଦିନ ଆଉ ୩୩୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୫୦ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୨୮୯ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୩୯୦ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଡୁମଡୁମା ରୁ ସର୍ବାଧିକ ୨୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ପଟିଆରୁ ୧୯ ଜଣ, ଖଣ୍ଡଗିରିରୁ ୧୩ ଜଣ, , ଚନ୍ଦ୍ରଶେଖରପୁର ଓ ଓଲ୍ଡଟାଉନ୍ ରୁ ୧୨ ଜଣ ଲେଖାଏଁ, ନୟାପଲ୍ଲୀରୁ ୧୧ ଜଣ, ପାତ୍ରପଡା ଓ ଶୈଳଶ୍ରୀବିହାର ୧୦ ଜଣ ଲେଖାଏଁ ,ଲକ୍ଷ୍ମୀସାଗରରୁ ୯ ଜଣ ,ନିଳାଦ୍ରୀବିହାରରୁ ୯ ଜଣ, ରସୁଲଗଡ ଓ ସୁନ୍ଦରପଦାରୁ ୮ ଜଣ ଲେଖାଏଁ, ୟୁନିଟ ୮ , ଆଚାର୍ଯ୍ୟବିହାର, ବରମୁଣ୍ଡା ଓ ଭୀମଟାଙ୍ଗୀରୁ ୭ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି।

## କୁମ୍ବିଙ୍ଗ ବେଳେ ମାଓବାଦୀ ପୋଲିସ ଗୁଳି ବିନିମୟ, ବିପୁଳ ମାଓ ସାମଗ୍ରୀ ଜବତ

କନ୍ଧମାଳ, ୨୨।୬(ପ.ଏନ): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଂଚଳରେ ଥିବା କୁମ୍ବାହାରୁ ଜଙ୍ଗଲରେ କୁମ୍ବିଙ୍ଗ ଅପରେସନ ବେଳେ ମାଓବାଦୀ ଏବଂ ଜବାନ ମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ୨୦ ରୁ ୨୫ ମିନିଟ ଧରି ଗୁଳି ବିନିମୟ ହେବାପରେ ଘଂଚ ଜଙ୍ଗଲର ଉହାଡରେ ମାଓବାଦୀ ମାନେ ଘଟଣା ସ୍ଥଳରୁ ଛତ୍ର ଭଙ୍ଗ ଦେଇଥିବା ବେଳେ ପୋଲିସକୁ ସେଠାରେ ସର୍ଚ୍ଚ ଅପରେସନ ବେଳେ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ମିଳିଥିବା ନେଇ ଆଜି କନ୍ଧମାଳ ଏସ.ପି ଭିନିତ ଅଗ୍ରୱାଲ ଏକ ପ୍ରେସ ବିବୃତିରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ସମ୍ପୃକ୍ତ ଅଂଚଳରେ ମାଓ ଗତିବିଧି ରହିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ପୋଲିସକୁ ସୂଚନା ମିଳିବା ପରେ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏସ.ଓ.ଜି ଏବଂ ଡି.ଭି.ଏଫ୍ ଜବାନ ମାନଙ୍କର ମିଳିତ କୁମ୍ବିଙ୍ଗ ଅପରେସନ ଗତ ୨୦/୦୬/୨୦୨୧ ତାରିଖରେ ଆରମ୍ଭ କରାଯାଥିଲା । ଏହି ଅପରେସନ ଜାରି ରହିଥିବା ବେଳେ ୨୧ ତାରିଖ ସକାଳ ପ୍ରାୟ ୧୦ଟା ପରେ କୁମ୍ବାହାରୁ ଜଙ୍ଗଲରେ ମାଓ ଏବଂ ଜବନ ମୁହା ମୁହିଁ ହୋଇଥିଲେ। ଜବାନ ମାନଙ୍କୁ ଦେଖି ମାଓବାଦୀ ମାନେ ଅତର୍କିତ ଭାବରେ ଗୁଳି ଚାଳନା ଆରମ୍ଭ କରିଥିଲେ । ଜବାନ ମାନେ ସୁରକ୍ଷିତ ସ୍ଥାନରେ ରହି ମାଓବାଦୀ ମାନଙ୍କୁ ଆତ୍ମସମର୍ପଣ କରିବାକୁ ଚେତାବନୀ ଦେଇଥିଲେ। ମାଓବାଦୀ ମାନେ ଏହାକୁ ନ ମାନିବାରୁ ଜବାନ ମାନଙ୍କ ପକ୍ଷରୁ ନିୟନ୍ତ୍ରିତ ଭାବରେ ପାଲଟା ଗୁଳି ଚାଳନା କରାଯାଇଥିଲା। ସେଠାରେ ପ୍ରାୟ ୨୦ ରୁ ୨୫ ମିନିଟ ଧରି ଗୁଳି ବିନିମୟ ହେବାପରେ ମାଓବାଦୀ ମାନେ ଘଂଚ ଜଙ୍ଗଲର ସୁଯୋଗ ନେଇ ସେଠାରୁ ପଳାୟନ କରିବାରେ ସଫଳ ହୋଇଥିଲେ ବୋଲି ଏସପି କହିଛନ୍ତି। ଗୁଳି ବିନିମୟ ବନ୍ଦ ହେବା ପରେ ଘଟଣା ସ୍ଥଳରେ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି କରାଯାଇଥିଲା । ସେଠାରୁ ଗୋଟିଏ ୩୦୩ ରାଇଫଲ, ଓ ୩ଟି ଗୁଳି,ଗୋଟିଏ କେଟ୍ରିଜ,୧୨ ବୋରର ଏକ ଦେଶୀ ବନ୍ଧୁକ,୪ଟି ଇନସାସ ବନ୍ଧୁକର ଗୁଳି ଓ ଗୋଟିଏ ମାଗାଜିନ,୭ଟି ଇଲେକ୍ଟ୍ରି ଡେଟୋନେଟର,ମାଓ ପୁସ୍ତିକା,ଗୋଟିଏ ରେଡିଓ,ୱାକିଟକି ଚାର୍ଜର,ଗୋଟିଏ ସିଲେଇ ମେସିନ,ମହିଳା ମାନଙ୍କ କିଛି ବସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ସବୁ ଜବତ କରିଛି ପୋଲିସ । ଘଟଣା ସ୍ଥଳରେ କେକେବିଏନ ଡିଭିଜନର ମାଓ ସଂଗଠନର ପ୍ରାୟ ୨୫ ଜଣ ମାଓବାଦୀଙ୍କ ସମେତ କିଛି ମହିଳା ମାଓ କ୍ୟାଡର ଥିବା ଜଣାପଡିଛି । ଏହି ଗୁଳି ବିବନିମୟରେ ଜବାନ ମାନଙ୍କ ପକ୍ଷରୁ କେହି ଆହତ ହୋଇ ନଥିବାବେଳେ ମାଓବାଦୀ ମାନଙ୍କ ମଧ୍ୟରୁ କିଛି ଆହତ ହୋଇଥିବା ପୋଲିସ ଜାଣିପାରିଛି ବୋଲି କହିଛନ୍ତି ଏସପି। ସେଠାରେ ବର୍ତମାନ ମଧ୍ୟ କୁମ୍ବିଙ୍ଗ ଅପରେସନ ଜାରି ରହିଥିବା ପୋଲିସ ପକ୍ଷରୁ ଜଣାପଡିଛି । ତେବେ ଘଟଣା ବେଳେ ସେଠାରେ କେନ୍ଦ୍ରୀୟ ମାଓ କମିଟି ନେତା ଦାସ୍ରୁ ଥିବା ଅନୁମାନ କରାଯାଉଛି ବୋଲି କହିଛନ୍ତି ଏସପି । ସେମାନଙ୍କ ମଧ୍ୟରୁ କିଛି ମାଓବାଦୀ କୋଭିଡରେ ଆକ୍ରାନ୍ତ ଥିବା ମଧ୍ୟ ଅନୁମାନ କରାଯାଉଛି । ତେଣୁ ମାଓବାଦୀ ମାନେ ସେମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଦୃଷ୍ଟିରୁ ହିଂସା ଛାଡି ଆତ୍ମସମର୍ପଣ କରି ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ ବୋଲି କନ୍ଧମାଳ ଏସପି କହିଛନ୍ତି।

### ଆଉ ଦିନକ ପରେ ଶ୍ରୀଜୀଉଙ୍କ ସ୍ନାନ ଯାତ୍ରା

*ଆସନ୍ତା କାଲିଠୁ ପୁରୀରେ ୧୪୪*

ପୁରୀ, ୨୨।୬(ପ.ଏନ): ଆଉ ଦିନକ ପରେ ଅର୍ଥାତ୍ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ଶ୍ରୀଜୀଉଙ୍କ ପବିତ୍ର ସ୍ନାନ ଯାତ୍ରା। ଏହି ବିଶେଷ ତିଥିରେ ସ୍ନାନ ମଣ୍ଡପରେ ୧୦୮ ଗରା ଅଭିମନ୍ତ୍ରିତ ଅଧିବାସ ଜଳରେ ସ୍ନାନ କରିବେ ଶ୍ରୀଜୀଉମାନେ । ଏହା ପରେ ଚତୁର୍ଦ୍ଧାମୂର୍ତିଙ୍କ ଅଣସର ସେବା ଆରମ୍ଭ ହେବ । ସ୍ନାନ ଯାତ୍ରାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ଗତ ବର୍ଷ ଭଳି ଚଳିତ ବର୍ଷ ମଧ କରୋନା କଟକଣା ମଧ୍ୟରେ ଅନୁଷ୍ଠିତ ହେବ ସ୍ନାନ ଯାତ୍ରା । କେବଳ ପାଳିଆ ସେବାୟତ ମାନେ ଏହି ନୀତିକାନ୍ତିରେ ସାମିଲ୍ ରହିବେ । ନୀତିକାନ୍ତିରେ ସାମିଲ୍ ହେବାକୁ ଥିବା ସେବାୟତ ମାନେ ଦୁଇଟି ଡୋଜ୍ କରୋନା ଟୀକା ନେଇଥିବେ । ଏବଂ ୪୮ ଘଂଟା ପୂର୍ବରୁ ସେମାନଙ୍କର ଆରଟି-ପିସିଆର ଟେଷ୍ଟ କରାଯାଇଥିବ । ଆଜି ଠାରୁ ଦଇତାପତି ସେବକ ମାନେ ଶ୍ରୀମନ୍ଦିରରେ ପ୍ରବେଶ କରିଛନ୍ତି । ସେମାନେ ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମା ଓ ଅଣସର ଗୁପ୍ତ ସେବା ସମାପନ କରିବେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆସନ୍ତା କାଲି ଠାରୁ ପୁରୀରେ ୧୪୪ ଧାରା ଜାରୀ ହେବ । ଏହି କଟକଣା ୨୩ ତାରିଖ ରାତି ୧୦ଟା ଠାରୁ ୨୫ ତାରିଖ ଭୋର୍ ୨ଟା ପର୍ଯ୍ୟନ୍ତ ବଳବତର ରହିବ । ମନ୍ଦିର ଭିତରେ ଓ ବାହାରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । କୌଣସି ସାଧାରଣ ଭକ୍ତ ମହାପ୍ରଭୁଙ୍କୁ ସ୍ନାନ ବେଦିରେ ଦର୍ଶନ କରିପାରିବେ ନାହିଁ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତିକାନ୍ତି ଓ ବ୍ୟବସ୍ଥାବଳୀ ଅନୁଯାୟୀ ସେବାୟତ ମାନେ ସମସ୍ତ ସେବା କାର୍ଯ୍ୟ ଆରମ୍ଭ କରିଛନ୍ତି ।

### ନଦୀ ପଠାରୁ ମୁଣ୍ଡବିହୀନ ଶବ ଉଦ୍ଧାର

ଗଞ୍ଜାମ, ୨୨।୬(ପ.ଏନ): ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଅନ୍ତର୍ଗତ ପୁଷ୍ପନଗର ନଦୀ ପଠାରୁ ଜଣେ ବ୍ୟକ୍ତିଙ୍କ ମୁଣ୍ଡ ବିହୀନ ଶବ ଉଦ୍ଧାର ହୋଇଛି । ସ୍ଥାନୀୟ ଲୋକେ ଆଜି ସକାଳେ ଏହା ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ ।

## ୨୭ ଯାଏଁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୨।୬(ପ.ଏନ): ଟ୍ରଫ-ଲାଇନର ପ୍ରଭାବ ଏବଂ ଦକ୍ଷିଣ ବଙ୍ଗଳାଦେଶ ତଥା ତାର ସଂଲଗ୍ନ ଉତର-ପୂର୍ବ ବଙ୍ଗୋପସାଗର ଅଂଚଳରେ ସମୁଦ୍ରପତଥାନ ଠାରୁ ୨.୧ ରୁ ୭.୬ କିମି ଯାଏଁ ବ୍ୟାପିଥିବା ଘୂର୍ଣ୍ଣି ବଳୟ ପ୍ରଭାବରେ ଆଜି ଉପକୂଳ ଓଡ଼ିଶାର ଜିଲ୍ଲାଗୁଡିକରେ ମୌସୁମୀ ଜନିତ ବର୍ଷା ଲାଗିରହିଛି। ବିଶେଷ କରି ଉତର ଓଡିଶା ଜିଲ୍ଲା ଏବଂ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ଲାଗି ରହିଛି। ଆଗାମୀ ୨୭ ତାରିଖ ପର୍ଯ୍ୟନ୍ତ ଏଭଳି ପାଗ ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧରେ କେନ୍ଦୁଝର, ମୟୁରଭଞ୍ଜ, ଢ଼େଙ୍କାନାଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୁରଭଞ୍ଜ, ଢ଼େଙ୍କାନାଳ, କନ୍ଧମାଳ, ରାୟଗଡ଼ା, କୋରାପୁଟ, କଳାହାଣ୍ଡି ଓ ନବରଙ୍ଗପୁର ଆଦି ଜିଲ୍ଲାରେ ବଜ୍ରପାତ ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୨୩ ତାରିଖ ସକାଳ ଠାରୁ ୨୪ ତାରିଖ ,ସକାଳ ମଧ୍ୟରେ ଝାରସୁଗୁଡା, ସମ୍ବଲପୁର ବରଗଡ, ସୁନ୍ଦରଗଡ ଓ ଦେବଗଡ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହା ବ୍ୟତୀତ ବାଲେଶ୍ୱର , ଭଦ୍ରକ, ଯାଜପୁର ,କେନ୍ଦ୍ରାପଡା, କଟକ , ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଂଜ, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏଥିସହ ୨୭ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ପୂର୍ବାନୁମାନ କରାଯାଇଛି।

## ଠକେଇର ନୂଆ ତରିକା : ଗ୍ରାହକଙ୍କୁ ଶୋଷୁଛି ଟାଟା ପାୱାର

ଭଦ୍ରକ, ୨୨।୬(ପ.ଏନ): ଟାଟା ପାୱାର ଦାୟିତ୍ୱ ନେଉ ନେଉ ଗ୍ରାହକଙ୍କୁ ଶୋଷଣ କରିବା ଆରମ୍ଭ କଲାଣି। ତେବେ ନୂଆ ତରିକାରେ ସଂପୃକ୍ତ କଂପାନୀ ଠକିବା ଆରମ୍ଭ କରିଥିବାବେଳେ ଏହାକୁ ନେଇ ଗ୍ରାହକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନୁସନ୍ଧାନରୁ ଜଣାପଡିଛି, ଗତ ମାଇ ମାସ ମିଟର ରିଡର ବିଲ୍ କରିଥିଲେ। ଠିକ୍ ମାସକ ପରେ ପୁଣି ବିଲ୍ ହେବା କଥା। କିନ୍ତୁ ଜୁନ୍ ମାସରେ ୪ ଦିନ ବିଳମ୍ବରେ ବିଲ୍ ହେଲା। ଫଳରେ ଏହି ୪ ଦିନରେ ୬୦ ୟୁନିଟ୍ ଅଧିକ ବିଲ୍ ହୋଇଥିବା ବେଳେ ସ୍ଲାବ୍ ଅନୁଯାୟୀ ୟୁନିଟ୍ ପିଛା ୬ ଟଙ୍କା ୨୦ ପଇସା ଲାଗୁ ହେଲା। ଯଦି ଠିକ୍ ସମୟରେ ବିଲ୍ ହୋଇଥାନ୍ତା, ପ୍ରଥମ ସ୍ଲାବ୍ ଅନୁସାରେ ୧୭୮ ଟଙ୍କା ଦେବାକୁ ପଡିଥାନ୍ତା। କିନ୍ତୁ ଏବେ ଦେବାକୁ ପଡିବ ୩୮୨ ଟଙ୍କା ଅର୍ଥାତ୍ ୧୯୪ ଟଙ୍କା ଅଧିକ। ଏହାବ୍ୟତୀତ ଅତିରିକ୍ତ ସିକ୍ୟୁରିଟି ବାବଦରେ ମଧ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଜୁଲାଇ ମାସ ୩୧ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି। ଟାଟା ପାୱାର ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଉ ନେଉ ଏପରି ଶୋଷିବା ଆରମ୍ଭ କରିଦେଲାଣି ବୋଲି ଭଦ୍ରକ ପୌରାଂଚଳ ୬ ନଂ ୱାର୍ଡର ବରିଷ୍ଠ ନାଗରିକ ସନ୍ତୋଷ ସାମଲ ଅଭିଯୋଗ କରିଛନ୍ତି। କେବଳ ଜଣେ ନୁହଁନ୍ତି, ପୌରା ଳରର ହଜାର ହଜାର ଉପଭୋକ୍ତାଙ୍କୁ ଏହିପରି ବୋକା ବନାଉଛି ଟାଟା ପାୱାର। ଏନେଇ କେତେକ ଉପଭୋକ୍ତା ଖାଉଟି ଅଦାଲତର ଆଶ୍ରୟ ନେବାକୁ ସ୍ଥିର କରିଥିବା ଜଣାପଡିଛି। ସୂଚନା ଅନୁସାରେ, ଗତ ୨ ମାସ ତଳୁ ବିଦ୍ୟୁତ୍ ବିତରଣ ଦାୟିତ୍ୱ ଟାଟା ପାୱାର (ଟିପିଏନ୍ଓଡିଏଲ୍) ହାତରେ ନ୍ୟସ୍ତ ହୋଇଛି। ଟାଟା ପାୱାର ବିତରଣ ଦାୟିତ୍ୱ ନେବା ପରେ ଆଶା କରାଯାଉଥିଲା। ଉପଭୋକ୍ତାଙ୍କୁ ଉ ମ ଗ୍ରାହକ ସେବା ମିଳିବ। କିନ୍ତୁ ଏହି କଂପାନୀ ଏବେ ଉପଭୋକ୍ତାଙ୍କୁ ନିରାଶ କରିଛି। ପ୍ରଥମତଃ ୟୁନିଟ୍ ପିଛା ୩୦ ପଇସା ଦର ବୃଦ୍ଧି ଘଟିଥିବା ବେଳେ ନିୟମିତ ବିଦ୍ୟୁତ୍ କାଟ ଜନ ଅସନ୍ତୋଷ ବଢାଇଛି। ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ। ଏହା ସତ୍ତ୍ୱେ ଜିଲାରେ ଚାଲିଛି ଅଘୋଷିତ ବିଦ୍ୟୁତ୍ କାଟ୍। ମରାମତି ଓ ରକ୍ଷଣାବେକ୍ଷଣ ନାଁରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ୍ ହେଉଛି। କିନ୍ତୁ ସମସ୍ତ ଉପଭୋକ୍ତାଙ୍କ ମୋବାଇଲ୍କୁ ଏ ସଂପର୍କିତ ସୂଚନା ଆସୁନାହିଁ। ସେହିପରି ତ୍ରୁଟିପୂର୍ଣ୍ଣ ଓ ବିଳମ୍ବରେ ବିଦ୍ୟୁତ୍ ବିଲ୍ ଆସିବା, ନିମ୍ନମାନର ବିଦ୍ୟୁତ୍ ସେବା ଯୋଗାଇବା ଆରମ୍ଭରୁ ନିୟମିତ ପ୍ରକ୍ରିୟା ପାଲଟିଛି। ତେବେ ସଂପୃକ୍ତ ବିତରଣକାରୀ ସଂସ୍ଥାର ଏପରି ମନମାନୀ ବିରୋଧରେ ତୀବ୍ର ଜନ ଅସନ୍ତୋଷ ରହୁଥିଲେ ମଧ୍ୟ ଜନସାଧାରଣଙ୍କ ଟିକସରେ ଇନଭର୍ଟର ଓ ଡିଜି ସେଟ୍ ଦ୍ୱାରା କୃତ୍ରିମ ବିଦ୍ୟୁତ୍ ସେବା ପାଉଥିବା ଜିଲାର ସର୍ବୋଚ୍ଚ ପ୍ରଶାସନିକ ଅଧିକାରୀ ଓ ରାଜନେତାମାନେ ସଂପୃକ୍ତ ସଂସ୍ଥାର ଜନବିରୋଧୀ କାର୍ଯ୍ୟକଳାପ ପ୍ରତି ନୀରବତା ଅବଲମ୍ବନ କରୁଛନ୍ତି। ପରୋକ୍ଷରେ ଏହା ଟାଟା ପାୱାର କର୍ତୃପକ୍ଷଙ୍କୁ ସୁହାଉଛି। ତେବେ ବିଭାଗୀୟ ସୂଚନା ଅନୁସାରେ ଭଦ୍ରକର ୨ଟି ଡିଭିଜନରେ ରହିଛନ୍ତି ୧ ଲକ୍ଷ ୮୪ ହଜାରରୁ ଅଧିକ ଉପଭୋକ୍ତା। ସେମାନଙ୍କ ମଧ୍ୟରୁ ପୌରାଂଚଳରେ ପାଖାପାଖି ୪୫ ହଜାର ଉପଭୋକ୍ତା ଥିବା ବେଳେ ଅବଶିଷ୍ଟ ରହିଛନ୍ତି ଗ୍ରାମାଂଚଳରେ। ଯଦି ପୌରା ଳରେ ଟାଟା ପାୱାର ଏହି ଢଙ୍ଗରେ ଉପଭୋକ୍ତାଙ୍କୁ ଲୁଟୁଛି। ତେବେ ଗ୍ରାମାଂଚଳର ଉପଭୋକ୍ତାଙ୍କୁ କିପରି ଶୋଷଣ କରୁଥିବ, ତାହା ସହଜରେ ଅନୁମେୟ। ଉପଯୁକ୍ତ ବିଦ୍ୟୁତ୍ ସେବା ପାଇଁ ଉଭୟ କଂପାନୀ ଓ ଗ୍ରାହକଙ୍କ ମଧ୍ୟରେ ଉତମ ସମନ୍ୱୟର ଆବଶ୍ୟକତା ରହିଛି। ତେବେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଏହି ବିଳମ୍ବିତ ବିଲିଂ ପ୍ରକ୍ରିୟାକୁ ନେଇ କୌଣସି ସନ୍ତୋଷ ଜନକ ଉ ର ଦେଇପାରିନଥିବାବେଳେ ଏହି ସମସ୍ୟା ପ୍ରତି ଯତ୍ନବାନ ହେବେ ବୋଲି କହିଛନ୍ତି।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।




# ତାଳଚେର ଥର୍ମାଲକୁ ଅତିଶୀଘ୍ର ପୁନଃ ଚାଲୁ ନ କଲେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବ

ଅନୁଗୋଳ (ପିଏନ୍): ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ସ୍ଥାନୀୟ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ତାଳଚେର ଥର୍ମାଲ ପ୍ଲାଂଟକୁ ଯେଭଳି ରାଜନୈତିକ ଖେଳକରି ବନ୍ଦ କରିଛନ୍ତି, ତାର ଘୋର ବିରୋଧ କରିବା ସହ ହଜାର ହଜାର ଶ୍ରମିକଙ୍କ ପେଟକୁ ଯେଉଁ ପ୍ରକାର ଆଘାତ ଦେଇଛନ୍ତି, ତାର ପରିଣାମ ଅତିଶୀଘ୍ର ଅନୁଗୋଳବାସୀ ଶୁଝାଇବେ ବୋଲି ପ୍ରକାଶ କରିଛନ୍ତି । ୧୯୬୪ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଭିତିପ୍ରସ୍ତର ସ୍ଥାପନ କରିଥିବାବେଳେ ୧୯୬୮ ମସିହାଠାରୁ ଏହି ପ୍ଲାଂଟ ବିଦ୍ୟୁତ ଉତ୍ପାଦନ କରି ଚାଲିଥିଲା । ଉକ୍ତ ପ୍ଲାଂଟ ଓଡିଶା ରାଜ୍ୟ ବିଦ୍ୟୁତ ବୋର୍ଡ ଜରିଆରେ ପରିଚାଳିତ ହେଉଥିବା ବେଳେ ତତ୍କାଳୀନ ଓଡିଶାର ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକ କ୍ଷତିରେ ଚାଲୁଥିବା ଦର୍ଶାଇ ଏନଟିପିସିକୁ ହସ୍ତାନ୍ତର କରିଦେଇଥିଲେ ଏବଂ ସେହିଦିନଠାରୁ ଉକ୍ତ ପ୍ଲାଂଟ ଲାଭ ଦେଇ ଆସୁଥିବା ବେଳେ ରାଜ୍ୟକୁ ବିଦ୍ୟୁତ ଯୋଗାଇ ଆସୁଥିଲା । ଯାଭିତରେ ଉକ୍ତ ପ୍ଲାଂଟ ଦୁଇଥର ଆଧୁନିକିକରଣ କରାଯାଇ ୪୬୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରୁଥିଲା ଏବଂ ସେଥିରେ ପ୍ରତ୍ୟକ୍ଷ ଭାବେ ୨୫୦୦ ଶ୍ରମିକ ଉପକୃତ ହେଉଥିବା ବେଳେ ପ୍ରାୟ ୧୫୦୦୦ ପରିବାର ନିର୍ଭର କରି ଚଳି ଆସୁଥିଲେ । କେନ୍ଦ୍ରର ବିଜେପି ସରକାର ଓ ରାଜ୍ୟର ବିଜେଡି ସରକାର ନିଜର ପତିଆରାକୁ ଯାହିର କରୁବାକୁ ଯାଇ ଆଜି ଏଭଳି ଏକ ଲାଭଦାୟକ ପ୍ଲାଂଟକୁ ବନ୍ଦ କରାଯାଇଛି । ଏ ମାଟିର ପୁଅ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉକ୍ତ ପ୍ଲାଂଟକୁ ପୁନଃ ଚାଲୁ କରିବାକୁ ଯେଭଳିଭାବେ ଗୋଟିଏ ଫୋନରେ ମାତ୍ର ଛଅ ଦିନର ଚକମା ଦେଖାଇଲେ, ଅନୁଗୋଳବାସୀ ମଧ୍ୟ ସେ ନାଟକକୁ ଦେଖିଲେ । ଆଜି ୨୦୦୦ ଶ୍ରମିକ ନିଜର କାମ ହରାଇଛନ୍ତି, ସେମାନଙ୍କର ପରିବାରର ଲୁହ ଓ କୋହ ସମ୍ପୂର୍ଣ୍ଣ ପରିବେଶକୁ ଖରାପ କରିଦେଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ପକ୍ଷରୁ ତିନୋଟି ଦାବି ରଖାଯାଇଛି, ସେ ଦାବି ଗୁଡିକ ହେଲା ପୁରୁଣା ପ୍ଲାଂଟକୁ ଅତିଶୀଘ୍ର ଚାଲୁ କରାଯାଉ ଓ କାମ ହରାଇଥିବା ଶରମିକମାନଙ୍କୁ ସେମାନଙ୍କର ଗୁଜୁରାଣ ପୁଣି ଫେରାଇ ଦିଆଯାଉ । ଅତିଶୀଘ୍ର ୨୦୧୦ରୁ ପ୍ରସ୍ତାବିତ, ୨୦୧୮ରେ ପ୍ରଧାନମନ୍ତ୍ରୀ ଦେଇଥିବା ଶୁଭ ୧୩୨୦ ମେଗାୱାଟ ପ୍ଲାଂଟର କାର୍ଯ୍ୟାରମ୍ଭ କରାଯାଉ । ଛଟେଇ ହୋଇଥିବା ସମସ୍ତ ଶ୍ରମିକଙ୍କ ଛଟେଇ ନୋଟିସ ରଦ୍ଦ କରାଯାଇ ପୁନଃ ନିଯୁକ୍ତି ପ୍ରଦାନ କରାଯାଉ । ଉପରୋକ୍ତ ଦାବି ପ୍ରତି ଅତିଶୀଘ୍ର ଉଭୟ ସରକାର ପକ୍ଷରୁ ଯଦି କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ଜିଲ୍ଲା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ଓ ସେଥିପ୍ରତି ଉଭୟ ସରକାର ଦାୟୀ ରହିବେ । ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଉପରୋକ୍ତ ଦାବି ପୂରଣ ନ ହେଲେ ଅନୁଗୋଳ ଜିଲ୍ଲାରେ କେନ୍ଦ୍ରମନ୍ତ୍ରୀ, ସାଂସଦ, ବିଧାୟକମାନଙ୍କୁ ବିରୋଧ କରାଯିବ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ତଥା ଶ୍ରମିକ ନେତା ବିପ୍ଳବ ଜେନା, ପୂର୍ବତନ ରାଜ୍ୟ ମହିଳା ସଭାନେତ୍ରୀ ସସ୍ମିତା ବେହେରା, ଅନୁଗୋଳ ଟାଉନ ସଭାପତି ସୁଦୀପ ମିଶ୍ର, ଅନୁଗୋଳ ବ୍ଲକ ସଭାପତି ବିନୟ ମାଝି, ଆଇଏନଟିୟୁସି ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ମୋହନ ରଥ, ଛାତ୍ର କଂଗ୍ରେସ ନେତା ବାପୁଜୀ ପ୍ରଧାନ ପ୍ରମୁଖ ମଂଚାସୀନ ରହି ସାମ୍ବାଦିକମାନଙ୍କୁ ସମ୍ବୋଧନ ହୋଇଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଓବିସି ସେଲ ସଭାପତି ଜିତେନ୍ଦ୍ର ସାହୁ, ଆଇନ ସେଲ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ମିଶ୍ର, ମିଡିଆ ସେଲର ଗୋପାଳ ନାଥ, ସୁବ୍ରତ ତ୍ରିପାଠୀ, ଯୁବ କଂଗ୍ରେସ ନେତା ଶିବାନୀ ଶଙ୍କର ଗୌଡ, ଆଲୋକ ଦାସ, ଛାତ୍ରନେତା ସୌମ୍ୟରଂଜନ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ରାପଡା ବିଜୁ ଛାତ୍ର ଜନତା ଦଳର ବିଶାଳ ରକ୍ତଦାନ ଶିବିର



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ପୌରସଂସ୍ଥା ଟାଉନହଲ ଠାରେ ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନର ୧୦୦ ବର୍ଷର ପୂର୍ତ୍ତି ଏବଂ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ମାର୍ଚ୍ଚ ୫ ତାରିଖ ଠାରୁ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଏପ୍ରିଲ ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ରକ୍ତଦାନ ଅଭିଯାନରେ କେନ୍ଦ୍ରାପଡା ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସହଯୋଗରେ, ଓଡିଶା-ମୋ-ପରିବାର ଓ ଜୀବନବିନ୍ଦୁ ଆନୁକୂଲ୍ୟରେ ଏବଂ ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ରକ୍ତଦାନ ଶିବିରରେ ମୋଟ ୧୧୭ ଯୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଉକ୍ତ ଶିବିରକୁ କେନ୍ଦ୍ରାପଡାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଶଶୀଭୂଷଣ ବେହେରା ଉଦଘାଟନ କରିଥିଲେ । ଉକ୍ତ ଶିବିରରେ ଜିଲ୍ଲା ସଭାପତି ଉତ୍କଳକେଶରୀ ପରିଡା, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ କୁମାର ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ରଞ୍ଜିତ କୁମାର ସାହୁ, କାଳୀପ୍ରସାଦ ମିଶ୍ର, ହିରଣ୍ୟ କୁମାର ପଣ୍ଡା, ପ୍ରଦୀପ୍ତ କୁମାର ମହାନ୍ତି, ସ୍ୱରାଜଲକ୍ଷ୍ମୀ ସାମଲ, ପ୍ରଶାନ୍ତ ରାଉତ, ବାସୁଦେବ ବେହେରା, ଯୁଷ୍ମନ୍ତ ମଲ୍ଲିକ, ଆଲୋକ ସାହୁ, ଯଯାତି ମହାନ୍ତି, ଅଶୋକ କୁମାର ଧଳ, ଦେବାଶିଷ ଆଚାର୍ଯ୍ୟ, ମହେନ୍ଦ୍ର ମିଶ୍ର, ମଙ୍ଗଳ ବରଣ ସିଂହ, ସଂଗମ କେଶରୀ ସାମଲ, ସେକ ମହମ୍ମଦ ଇନାୟତ, ଦେବଦାସ ମହାନ୍ତି, ପ୍ରମୋଦ ପ୍ରଧାନ, ରଞ୍ଜନ ସାହୁ, ବିଜୟ କୁମାର ମଣ୍ଡଳ, ମାନସ ଦାସ, ସାହେବ ସାହିଲ ରାଉତ, ସୁମନ୍ତ ପରିଡା ଏବଂ ବିଜୁ ଛାତ୍ର ଜନତା ଦଳର ପ୍ରିୟବ୍ରତ ପରିଡା, ପ୍ରକାଶ କୁମାର ସାହୁ, ଦେବକାନ୍ତ ପରିଡା, ଜ୍ଞାନରଞ୍ଜନ କର, ତାପସ ପରିଡା, ଅମୀୟ କୁମାର ପରିଡା, ଦେବାଶିଷ ନାୟକ, ବିରାଜ ସିଂହ, ରାଜଶ୍ରୀ ଦାସ, ଲିଜା ପତ୍ରୀ, ସ୍ୱରୂପ ରାଉତରାୟ, ଦେବାଶିଷ ସ୍ୱାଇଁ, ଦେବସ୍ମିତା ସାମଲ, ଅଭିଷେକ ସ୍ୱାଇଁ, ଚିତ ରଞ୍ଜନ ଦାସ, ଦେବ ପ୍ରସାଦ ସାହୁ, ଦିପକ ରାଉତ, ଯନ୍ମେଜୟ ସାହୁ, ବିଶ୍ୱଜିତ ଜେନା, ରାହୁଲ ପୁରୀ, ସ୍ମୃତିରଞ୍ଜନ ପାଢୀ, ଅଭିଜିତ ସିଂହ, ପ୍ରଶାନ୍ତ କୁମାର ଷାଠୁଆ, ଗତିକୃଷ୍ଣ ମହାନ୍ତି, ଗଜେନ୍ଦ୍ର ସାହୁ, କିଶୋର ସେଠୀ, ଶ୍ରୀନିବାସ କର, ପ୍ରକାଶ କୁମାର ସେନାପତି, ମାନସ ବିଶ୍ୱାଳ, ତାପସ ନାୟକ, ଲାଲଚାନ୍ଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ଉକ୍ତ ରକ୍ତଦାନ ଶିବିରରେ ସହଯୋଗ କରିଥିଲେ ।

## ଲୁଥେରାନ ଶିଶୁଯତ୍ନ କେନ୍ଦ୍ରର ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମ ଘଟଣା

କେନ୍ଦ୍ରାପଡା (ପିଏନ୍): ଲୁଥେରାନ ମହିଳା ସମିତି ଦ୍ୱାରା ପରିଚାଳିତ ଶିଶୁ ଯତ୍ନ କେନ୍ଦ୍ରରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମ କରିବା ଓ ସେହି ଦୁଷ୍କର୍ମରୁ ଏକ ଶିଶୁ ସନ୍ତାନ ଜନ୍ମ ହେବା ଘଟଣାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷାଙ୍କ ନିର୍ଦ୍ଦେଶ ପରେ ଶେଷରେ ମାର୍ଶାଘାଇ ଥାନା ପୋଲିସ ମାମଲା ରୁଜୁ କରିବାକୁ ବାଧ ହୋଇଛି । ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଲୁଥେରାନ ସିସିଆଇରେ ପହଁଚି ତଦନ୍ତ ସାରିବା ପରେ ଜିଲ୍ଲାପାଳଙ୍କୁ ଭେଟି ସଂପୃକ୍ତ ସଂସ୍ଥାରେ ଏଭଳି ସଂଗୀନ କାର୍ଯ୍ୟ ଚାଲିଥିବାରୁ ସେଠାରେ ଥିବା ଅନ୍ତେବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବାକୁ ପରାମର୍ଶ ଦେଇଥିଲେ । ଏଥିସହିତ ସଂପୃକ୍ତ ପିଡିତା ମହିଳାଙ୍କ ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । ସେହି ନିର୍ଦ୍ଦେଶ ଅନୁଯାୟୀ ମାର୍ଶାଘାଇ ଥାନା ପୋଲିସ ପିଡିତା ମହିଳା କର୍ମଚାରୀଙ୍କ ଅଭିଯୋଗ ଉପରେ ଏକ ମାମଲା ରୁଜୁ କରିବା ସହ ପିଡିତାଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା କରିବାକୁ ନେବା ସମୟରେ ପିଡିତା ତାହାକୁ ବିରୋଧ କରିଥିଲେ । ମାର୍ଶାଘାଇ ପରିବର୍ତ୍ତେ ପରୀକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ଲିଖିତ ଭାବେ ଥାନା ଅଧିକାରୀଙ୍କୁ ଦେବାରୁ ପିଡିତା ମହିଳାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ପରୀକ୍ଷା କରାଯାଇଥିଲା । ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ସରିବାକୁ ଅପରାହ୍ନ ଗୋଟାଏ ହୋଇଯାଇଥିଲା । ସକାଳୁଆ କୋର୍ଟ ଯୋଗୁଁ ବିଳମ୍ବ ହୋଇଯାଇଥିବାରୁ ପିଡିତା ମହିଳା କର୍ମଚାରୀଙ୍କୁ କେନ୍ଦ୍ରାପଡା କୋର୍ଟକୁ ୧୬୪ ଧାରାରେ ବୟାନ ଦେବାକୁ ନିଆ ନ ଯାଇ ଲୁଥେରାନସ୍ଥିତ ସିସିଆଇକୁ ଫେରାଇ ନିଆଯାଇଥିଲା । ତାଙ୍କୁ ୧୬୪ଧାରାରେ ବୟାନ ଦେବାକୁ କେନ୍ଦ୍ରାପଡା କୋର୍ଟରେ ହାଜର କରାଯିବ ବୋଲି ଆଇ.ସି.ଏ.ଡବ୍ଲୁ.ର ଇନିସପେକ୍ଟର ସସ୍ମିତା ବେହେରାଙ୍କଠାରୁ ସୂଚନା ମିଳିଛି ।

## ଲୁଥେରାନ ଶିଶୁଯତ୍ନ କେନ୍ଦ୍ର ଦୁଷ୍କର୍ମର ତଦନ୍ତ କଲେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା



କେନ୍ଦ୍ରାପଡ଼ା (ପିଏନ୍): ଲୁଥେରାନ ମହିଳା ସମିତିର ଶିଶୁ ଯତ୍ନ କେନ୍ଦ୍ରର ମହିଳା କର୍ମଚାରୀଙ୍କୁ ବାରମ୍ବାର ଦୁଷ୍କର୍ମ କରିବା ପରେ ଶିଶୁ ପୁତ୍ର ଜନ୍ମ ହେବା ଅଭିଯୋଗର ତଦନ୍ତ ପାଇଁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ପାଟଳିପଙ୍କ ସ୍ଥିତ ସଂସ୍ଥାର କାର୍ଯ୍ୟାଳୟରେ ପହଁଚି ବିଭିନ୍ନ ରେକର୍ଡପତ୍ର ତନଖି କରିବା ସହ ପିଡିତା ମହିଳା କର୍ମଚାରୀ ଓ ଅଭିଯୋଗକାରିଣୀଙ୍କ ବୟାନ ରେକର୍ଡ କରିଥିବା ଜଣାପଡିଛି । ତଦନ୍ତ ପରେ ଅଧକ୍ଷା ଶ୍ରୀମତୀ ପ୍ରଧାନ କହିଛନ୍ତି ଯେ ଏହା ଏକ ସଂଗୀନ ଅଭିଯୋଗ । ସି.ସି.ଆଇ.ରେ ମହିଳା କର୍ମଚାରୀଙ୍କ ଉପରେ ଯେଉଁ ଅତ୍ୟାଚାର ହୋଇଛି ସେ ସମ୍ପର୍କରେ ହୋଇଥିବା ଅଭିଯୋଗ ଉପରେ ଏକ ଏଫ.ଆଇ.ଆର. ରୁଜୁ କରି ୧୬୪,୧୬୧ଧାରାରେ ପୋଲିସକୁ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ସଂସ୍ଥାରେ ଏଭଳି କାର୍ଯ୍ୟ ଚାଲିଥିବା ତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ବୋଲି ଅଧକ୍ଷା କହିଛନ୍ତି । ଏ ସମ୍ପର୍କରେ ପୂର୍ବରୁ ତାଙ୍କୁ ଜ୍ଞାତ ନଥିଲା ବୋଲି ସେ କହିଛନ୍ତି । ଏ ସଂସ୍ଥା ଏକ ଡେଲିଭରି ସଂସ୍ଥା ଭଳି କାର୍ଯ୍ୟ କରୁଛି ବୋଲି ଅଧକ୍ଷା କହିଛନ୍ତି । ଏଥିସହିତ ଏହି ଘଟଣାରେ ଯେଉଁମାନେ ଦୋଷୀ ଓ ଯେଉଁମାନେ ସରକାରୀ ଅଧିକାରୀ,କର୍ମଚାରୀଙ୍କ ଦ୍ୱାରା ହୋଇଥିବା ଅବହେଳା ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରାପଡା ଏସ.ପି. ଓ ଜିଲ୍ଲାପାଳ ଏବଂ ରାଜ୍ୟ ସରକାରଙ୍କୁ ସୁପାରିଶ କରାଯିବ ବୋଲି ଅଧକ୍ଷା କହିଛନ୍ତି । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତାଙ୍କର ଦାୟୀତ୍ୱ ସଠିକ ଭାବରେ ନିର୍ବାହ କରିନଥିବା ଅଧକ୍ଷା କହିଛନ୍ତି । ଏହି ସଂସ୍ଥାରେ ଅନ୍ତେବାସୀ ବାଳିକା ଓ ମହିଳାମାନେ ସୁରକ୍ଷିତ ନୁହଁନ୍ତି ବୋଲି ସେ କହିଛନ୍ତି । ଏହି ଘଟଣା ସମ୍ପର୍କରେ ଅଧକ୍ଷାଙ୍କୁ ପ୍ରଥମେ ଦୃଷ୍ଟିଆକର୍ଷଣ କରିଥିବା ପ୍ରୋଗ୍ରେସିଭ ଓମେନସ ଆସୋସିଏସନର ସଭାପତି ମମତା ସାମନ୍ତରାୟ କହିଛନ୍ତି ଯେ ପିଡିତାଙ୍କ ଅଭିଯୋଗ ଶୁଣିଲେ ପାଦତଳୁ ମାଟି ଖସିଯିବ । ଅସହାୟା ମହିଳା ଓ ନାବାଳିକାଙ୍କ ପାଇଁ ସୁରକ୍ଷା ଯୋଗାଇଦେବାକୁ ଥିବା ଏଭଳି ସଂସ୍ଥାରେ ଏତେସବୁ ଅନୈତିକ କାର୍ଯ୍ୟ ଚାଲିଥିବା ବେଳେ ଏହି ସଂସ୍ଥାକୁ ପ୍ରତ୍ୟେକ ମାସରେ ପରିଦର୍ଶନ କରୁଥିବା ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଧିକାରୀମାନେ କିଭଳି ଘଟଣା ସମ୍ପର୍କରେ ଜାଣି ପାରିଲେ ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ । ତେଣୁ ପିଡିତା ମହିଳା ଓ ତାଙ୍କ ଶିଶୁପୁତ୍ରକୁ ଉଚିତ ନ୍ୟାୟ ପ୍ରଦାନ ଏବଂ ସମସ୍ତ ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ଆଗାମି ଦିନରେ ତାଙ୍କ ସଙ୍ଘ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ସୁଶ୍ରୀ ସାମନ୍ତରାୟ କହିଛନ୍ତି । ଏଥିସହିତ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷାଙ୍କୁ ଅଭିଯୋଗ କରିଥିବା ଲୁଥେରାନ ମହିଳା ସମିତିର ସମ୍ପାଦିକା ମଧ୍ୟ ଘଟଣା ସମ୍ପର୍କରେ ବର୍ଣ୍ଣନା କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ତଦନ୍ତ ପରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବାକୁ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି ।

# ଚୈତ୍ରମାସ : ହିଙ୍ଗୁଳା ଯାତ୍ରା



ଚୈତ୍ର ମାସ ମଙ୍ଗଳବାରରେ ମା’ ମଙ୍ଗଳା ଏବଂ ହିଙ୍ଗୁଳାଙ୍କୁ ପଣାଦେଇ ପୂଜାର୍ଚ୍ଚନା କରାଯାଏ । ମା’ ମଙ୍ଗଳା ବସନ୍ତ ଏବଂ ହଇଜା ରୋଗରୁ ରକ୍ଷାକାରୀ ବୋଲି ଧାର୍ମିକ ବିଶ୍ୱାସ । ସେହିପରି ହିଙ୍ଗୁଳା ଅଛନ୍ତି ଗୃହବିବାଦ ଦୂରୀକରଣର ଦେବୀ । ସେ ମଧ୍ୟ ସୁଖ ଓ ଶାନ୍ତି ପ୍ରଦାୟିନୀ ଦେବୀ ।ଦଶ ମହାବିଦ୍ୟାର ଆଦ୍ୟାଶକ୍ତି ହେଉଛନ୍ତି ମହାକାଳୀ । ହିଙ୍ଗୁଳା ହେଉଛନ୍ତି ମହାକାଳୀଙ୍କର ଭିନ୍ନ ରୂପା । ସେ ଅଗ୍ନିସମ୍ଭୂତା, ସେହି ଧୂମାବତୀ ଏବଂ ଦଶ ମହାବିଦ୍ୟାର ଦେବୀଗଣ । ସେ ହିଁ ଅଗ୍ନି ଭିତରେ ନିଜକୁ ଲୁଚାଇ ରଖି ମାୟାମୃଗ ସାଜି ରାବଣ ହସରେ ଧରା ଦେଇଥିବା ମାୟା ସୀତା, ସେ ପୁଣି ଅଯୋଧ୍ୟାକୁ ଫେରି ଅଗ୍ନିପରୀକ୍ଷା ଦେଇଥିବା ସୀତା । ଅର୍ଥାତ୍ ସେ ଅଗ୍ନିରୂପା । ତାଙ୍କୁ ଏପରି କହିବାର ଅର୍ଥ ଏହି ଯେ ଅଗ୍ନିର ଦାହିକା ଶକ୍ତି ସହ ଏକାକାର ହୋଇଯିବାର ମହାଭାବ । ସେ ଆଦ୍ୟାଶକ୍ତି ସଦା ବ□ମାନ- ଦଶଦିଗ ପାଇଁ, ଆତ୍ମାରୁ ପରମାତ୍ମା ଏବଂ ସର୍ବୋପରି ସେ ସବୁରି ଊର୍ଦ୍ଧ୍ୱରେ ।

ପୁରାଣମତେ ସ୍ୱାମୀ ଶିବଙ୍କୁ ଦକ୍ଷଯଜ୍ଞକୁ ନିମନ୍ତ୍ରଣ ନଥିଲା । ତଥାପି ସତୀ ଗଲେ । ସେଠି ଶିବଙ୍କ ପ୍ରତି ପିତାଙ୍କ ଅନ୍ୟାୟ ଆଚରଣ ଓ ଅପମାନ ସହି ନ ପାରି, ସେ ଯଜ୍ଞକୁଣ୍ଡରେ ଆତ୍ମହତ୍ୟା କଲେ । ଏହା ଜାଣିପାରି ଶିବ କ୍ରୋଧାନ୍ୱିତ ହୋଇ ସେଠାକୁ ଯାଇ ଧ୍ୱଂସର ତାଣ୍ଡବଲୀଳା ଆରମ୍ଭ କରିଦେଲେ ଏବଂ ସତୀଙ୍କ ଶବ ଧରି ଇତସ୍ତତଃ ବୁଲିବାକୁ ଆରମ୍ଭ କରିଦେଲେ । ଏହା ଦେଖି ବାସୁଦେବ ସୁଦର୍ଶନ ଚକ୍ର ପେଶି ସତୀଙ୍କ ଶରୀରକୁ ଛେଦିଦେଲେ । ଏହିପରି ଏହା ୫୧ଟି ଖଣ୍ଡ ଓ ୨୬ ଉପଖଣ୍ଡ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଲା । ଏହି ସ୍ଥାନଗୁଡିକ କ୍ରମଶଃ ପାଲିଟିଗଲେ ଶକ୍ତିପୀଠ । ବିଶ୍ୱାସ କରାଯାଏ ଯେ ମା’ଙ୍କର ମସ୍ତକ ପଡ଼ିଥିଲା ପାକିସ୍ତାନର ବେଲୁଚିସ୍ଥାନରେ ଥିବା ହିଙ୍ଗୁଳା ବା ହିଙ୍ଗଲାଜ୍‌ରେ । ଏଠାରେ ମା’ ହିଙ୍ଗୁଳା ରୂପେ ପୂଜା ପାଆନ୍ତି । ଏହା ହିଁ ପ୍ରଥମ ଶକ୍ତିପୀଠ । ତାଙ୍କର ଦକ୍ଷିଣ ପାଦର ଚାରି ଆଙ୍ଗୁଳି କଲିକତାର କାଳିଘାଟରେ ପଡ଼ିଥିଲା । ଯେଉଁଠି ସେ କାଳୀ ରୂପେ ପୂଜା ପାଆନ୍ତି । କଣ୍ଠ ପଡ଼ିଥିଲା ଅମରକଣ୍ଟକରେ; ଯୋନି ପଡ଼ିଥିଲା ଆସାମର କାମାକ୍ଷାରେ ଏବଂ କିଛି ଚର୍ମାଂଶ ପଡ଼ିଥିଲା କଟକରେ ।

ପ୍ରଥମ ଶକ୍ତିପୀଠ ପାକିସ୍ତାନର ବେଲୁଚିସ୍ଥାନରେ ଅବସ୍ଥିତ । ଏହା ହିଙ୍ଗୁଳା ମନ୍ଦିର ରୂପେ ଖ୍ୟାତ । ଏହା ମକ୍ରାନ୍ ବା ମରକାନ୍ ପର୍ବତ ଉପରେ ଅବସ୍ଥିତ । ଏଠାରୁ ଲକ୍ଷ ଲକ୍ଷ ହିନ୍ଦୁ ଓ ମୁସଲ୍‌ମାନ ଭକ୍ତମାନେ ଆସନ୍ତି । ସେ ଉଭୟ ଧର୍ମର ଦେବୀ । ପାହାଡ଼ ଉପରେ ଏକ ଲମ୍ବା ପର୍ବତ ଗୁମ୍ଫାରେ ଦେବୀ ଅବସ୍ଥାନ କରନ୍ତି । ଏକମୁହାଁ ରାସ୍ତା, ନଇଁ ନଇଁ ଯିବାକୁ ହୁଏ । ଦେବୀ ସିନ୍ଦୁରରେ ନାଲି ପାଟବସ୍ତ୍ରଯୁକ୍ତ ଏବଂ ରକ୍ତବର୍ଣ୍ଣ ଅର୍ଥାତ୍ ହେଙ୍ଗୁବର୍ଣ୍ଣା । ଏଣୁ ହିଙ୍ଗୁଳା ଏଠାରେ ଶକ୍ତି ହିଙ୍ଗୁଳା ଏବଂ ଭୈରବ ହେଉଛନ୍ତି ଭୀମଲୋଚନ । ପାକିସ୍ତାନରେ ହିଙ୍ଗୁଳା ଦେବୀଙ୍କୁ ‘ନାନୀ’ ଏବଂ ଏ ତୀର୍ଥସ୍ଥାନକୁ ‘ନାନୀକି ହଜ୍’ ବୋଲି କୁହାଯାଏ । ଏଠାର ତୀର୍ଥଯାତ୍ରାକୁ ‘ହଜ୍’ କୁହାଯାଏ । ଏଠାକାର ପୁରୋହିତଙ୍କୁ ‘ଛଡ଼ିଦାର’ କୁହନ୍ତି । ଏଠି ଦେବୀଙ୍କୁ ଲାଲକପଡ଼ା, ଅଗରବତୀ, ଅତର ଓ ଶିରିଣି ସମର୍ପଣ କରାଯାଏ । ଏ ମନ୍ଦିର ପ୍ରତି ହିନ୍ଦୁ ଓ ମୁସଲମାନମାନେ ସମାନ ଗୁରୁତ୍ୱ ଦିଅନ୍ତି ଏବଂ ରକ୍ଷଣାବେକ୍ଷଣ ପାଇଁ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାମାନେ ତତ୍ପର ଥାଆନ୍ତି । ଏଥିପାଇଁ ହିନ୍ଦୁ ମାନସିକତା ଉପରେ କୌଣସି ପ୍ରତିକୂଳ ଚାପ ପକାଯାଏନି ।





କରାଚିରୁ ଏହି ମନ୍ଦିରର ଦୂରତ୍ୱ ୧୬୦ ମାଇଲ୍ । କ୍ୱେଟା ଯାଏଁ ରାଜପଥ, ତେଣିକି ସଂକୀର୍ଣ୍ଣ ଓ ଦୁର୍ଗମ । ତଥାପି ଭକ୍ତଙ୍କ ଭିଡ଼ ।

ଏ ଯାଗାକୁ ନେଇ ଏକ କାହାଣୀ ଅଛି । ତ୍ରେତୟାଯୁଗରେ ‘ଦିଚାତାର’ ନାମରେ ଜଣେ ସୂର୍ଯ୍ୟବଂଶୀ ରାଜା ଥିଲେ । ତାଙ୍କର ପଡ଼ୋଶୀ ରାଜ୍ୟ ଥିଲା ଚୀନ୍ । ରାଜାଙ୍କର ଦୁଇପୁତ୍ର ଥିଲେ- ହିଙ୍ଗୋଳ ଓ ସୁନ୍ଦର । ଏହି ସମୟରେ ଚୀନ୍‌ରେ ଜଣେ ଚନ୍ଦ୍ରବଂଶୀ ରାଜା ଥିଲେ । ସେମାନେ ଥିଲେ ଶିବଭକ୍ତ । ରାଜକୁମାର ସୁନ୍ଦର ଚୀନ୍‌କୁ ଆକ୍ରମଣ କରି ହତ୍ୟା ଓ ଲୁଣ୍ଠନ କଲେ । ଏଥିରେ ଉ□ୟକ୍ତ ଏବଂ ଅସନ୍ତୁଷ୍ଟ ପ୍ରଜାମାନେ ଶିବଙ୍କୁ ଗୁହାରି କଲେ ଏବଂ ଶିବ ଗଣେଶଙ୍କୁ ପଠାଇ ସୁନ୍ଦରଙ୍କୁ ହତ୍ୟା କଲେ । ଏଥିରୁ ହିଙ୍ଗୋଳ କ୍ରୋଧାନ୍ୱିତ ହୋଇ ତପସ୍ୟା କଲେ ଏବଂ ତପସ୍ୟାରେ ବର ପାଇଲେ ଯେ ତାଙ୍କର ଯେଉଁଠି ମୃତ୍ୟୁ ହେବ, ସେଠି ସୂର୍ଯ୍ୟକିରଣ ପଡୁନଥିବ । ପରେ ସେ ଯୁଦ୍ଧ କରି ବହୁ ରାଜ୍ୟ ଜୟ କରି ଘୋର ପାପ ବି କଲେ । ଦେବୀ ତାଙ୍କୁ ତ୍ରିଶୂଳ ସାହାଯ୍ୟରେ ସୂର୍ଯ୍ୟ କିରଣ ପଡୁନଥିବା ତାଙ୍କ ଗୁମ୍ଫା ଭିତରେ ହତ୍ୟା କଲେ । ଅଥଚ ହିଙ୍ଗୋଳର ଅନୁରୋଧ କ୍ରମେ ସେ ସ୍ଥାନଟିର ନାମ ରଖିଥିଲେ- ହିଙ୍ଗଳ । ଏହି ହିଙ୍ଗଳ ହିଁ ଶକ୍ତିରେ ହିଙ୍ଗଲାଜ୍ ତୀର୍ଥ ।

ଓଡ଼ିଶାରେ ୫୧ଟି ଶକ୍ତିପୀଠ ମଧ୍ୟରୁ ଅନୁଗୋଳ ଜିଲ୍ଲାର ଗୋପାଳ ପ୍ରସାଦ ଗ୍ରାମରେ ଏବଂ ଯାଜପୁର ଜିଲ୍ଲାର ‘ଶଙ୍ଖଚିଲ୍ଲା’ ଗ୍ରାମରେ ମା’ ହିଙ୍ଗୁଳାଙ୍କ ମନ୍ଦିର ଅଛି । ଏହି ଦୁଇ ସ୍ଥାନରେ ମା’ ଅଗ୍ନିରୂପା । ତାଳଚେରର ହିଙ୍ଗୁଳା ଦେବୀଙ୍କ ସହ ଜଗନ୍ନାଥ ମନ୍ଦିରରେ ମହାପ୍ରସାଦ ରନ୍ଧନର ସଂପର୍କ ଅଛି । ଏଇଠୁ ମା’ ଅଗ୍ନିରୂପା ଶ୍ରୀମନ୍ଦିର ଯିବା ପରେ ପ୍ରଥମ ଅଗ୍ନି ସଂଯୋଗରେ ପ୍ରଥମ ମହାପ୍ରସାଦ ପ୍ରସ୍ତୁତ ହୋଇଥିଲା ।

ଶୁଣାଯାଏ ଶଙ୍ଖଚିଲ୍ଲାରେ ମା’ଙ୍କର ଆବିର୍ଭାବ କାହାଣୀ ପଛରେ ଏକ ରହସ୍ୟମୟ କିମ୍ବଦନ୍ତୀ ଅଛି । ଏଠି କୁଆଡ଼େ ଦିବା ଅଗ୍ନିରେ ବାରମ୍ବାର ନିଆଁ ଲାଗିଲା । ଲୋକେ ଅତିଷ୍ଠ ହୋଇପଡ଼ିଲେ । ଶେଷରେ ମା’ ସ୍ୱପ୍ନାଦେଶ ଦେଲେ ଯେ ତାଙ୍କର ପୂଜା ହେଉ । ତାହା ହିଁ ହେଲା । ସେ ପ୍ରଥମେ ଏକ ବରଗଛରେ ଅବସ୍ଥାନ କଲେ । ପରେ ଗ୍ରାମବାସୀମାନେ ତାଙ୍କ ପାଇଁ ଏକ ମନ୍ଦିର କଲେ । ଏଠି ମଧ୍ୟ ପାଖରେ ଭୈରବୀ ପୂଜା ପାଆନ୍ତି । ଭୈରବୀ ଯେଉଁଠି ଭୈରବ ସେଇଠି ।

ଖାଲି ଓଡ଼ିଶା କି ଭାରତ ମଧ୍ୟ ନୁହେଁ, ମା’ ମହାକାଳୀ ଆଦ୍ୟାଶକ୍ତି ହିଙ୍ଗୁଳା ପୃଥିବୀର ଅନ୍ୟ ଦେଶରେ ମଧ୍ୟ ପୂଜା ପାଆନ୍ତି । ସେମାନେ ଦଶମହାବିଦ୍ୟା ମଧ୍ୟରୁ ଜଣେ ଅଥବା ଅଷ୍ଟଚଣ୍ଡୀମାନଙ୍କ ମଧ୍ୟରୁ ଜଣେ ହିସାବରେ ପୂଜା ପାଆନ୍ତି । ଅଷ୍ଟଚଣ୍ଡୀ- ଉଗ୍ରଚଣ୍ଡୀ, ଭଦ୍ରକାଳୀ, ଉମା, ଉଗ୍ରତାରା, ଧୂମାବତୀ, କାଳୀ, ଶିବହତ୍ରୀ ବା ଚଣ୍ଡିକା ଆକାରରେ ପୂଜା ପାଆନ୍ତି ।

ଚୈତ୍ର ମଙ୍ଗଳବାରରେ ସେ ମଙ୍ଗଳାଙ୍କ ପରି ପୂଜା ପାଆନ୍ତି । ତେବେ ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ମା’ଙ୍କର ଶାରଦୀୟ ପୂଜା ଅନୁଷ୍ଠିତ ହୋଇଥାଏ । ମା’ ହିଙ୍ଗୁଳା ସେଦିନ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦିଅନ୍ତି । ତାଙ୍କ ପାଇଁ ସମସ୍ତେ ସମାନ । ସେ ଅଗ୍ନିରୂପରେ ସମସ୍ତଙ୍କୁ ଦର୍ଶନ ଦିଅନ୍ତି ଏବଂ ଏ ଦର୍ଶନ ଓ ପୂଜା ୨୧ ଦିନ ଧରି ଚାଲେ । ପୂର୍ବେ ଦେବୀଙ୍କ ପାଖେ ବଳିପ୍ରଥା ଥିଲା । ଏବେ ତାହା ଲୋପ ପାଇଛି । ବଳି ପରିବ□ ଦେବୀଙ୍କୁ ବିଭିନ୍ନ ପତ୍ର, ଫୁଲ, ଫଳ, ଦୁଧ, ମହୁ, ଉଖୁଡ଼ା ଇତ୍ୟାଦି ଭୋଗ କରାଯାଏ ।

ପୂଜାର ନବମ ଦିନ ଶିତୁଳା ବା ଶୀତଳା ଯାତ୍ରା ପାଳନ ହୁଏ । ଏହି ଦିନରେ ଏକ ଚାନ୍ଦୁଆ ଲାଗିହୁଏ । ତଳେ ନିଆଁ । କିନ୍ତୁ ଏ ନିଆଁ ଚାନ୍ଦୁଆକୁ ସ୍ପର୍ଶ କରେ ନାହିଁ । ଯଦି କରେ ତେବେ କୌଣସି କୋଣ ଏହାର ପୋଡ଼ିଯାଏ । ତେବେ ବିଶ୍ୱାସ କରାଯାଏ ସେ ବର୍ଷ ସେ ଦିଗରେ ଭଲ ଫସଲ ହୁଏ ।

**ହିଙ୍ଗୁଳାଙ୍କୁ ନେଇ ଯାତ୍ରା**-ଏହାକୁ ହିଙ୍ଗୁଳା ଯାତ୍ରା ବା ପାଟଣା ଯାତ୍ରା କୁହାଯାଏ । ଏହା ମହାବିଷୁବ ସଂକ୍ରାନ୍ତି ସହ ଜଡ଼ିତ । ବିଶ୍ୱାସ ପାପୀମାନଙ୍କୁ ବିନାଶ, ପାଇଁ ମା’ ହିଙ୍ଗୁଳା ଏ ପୃଥିବୀକୁ ଅଗ୍ନିରୂପା ଏବଂ ଅଗ୍ନିସମ୍ଭୁତା ଅବତୀର୍ଣ୍ଣ ହୋଇଥାନ୍ତି । ହିଙ୍ଗୁଳାଙ୍କୁ ନେଇ ପ୍ରତି ଘରେ ହିଙ୍ଗୁଳା ପଣାର ପ୍ରଚଳନ ଅଛି । ହିଙ୍ଗୁଳାଙ୍କୁ ନେଇ ଦଣ୍ଡଯାତ୍ରା । ଏ ଭକ୍ତମାନେ ହିଁ ପାଟୁଆ । ଦିନସାରା ଏମାନେ ଗାଁ ଗାଁ ବୁଲି ସାରି ନଦୀ ବା ପୋଖରୀରେ ଗାଧୁଆ ସାରନ୍ତି । ରାତିକୁ ଦଣ୍ଡନାଚ । ସେମିତିରେ ଠାକୁରାଣୀଙ୍କ ଉପରେ ବିଶ୍ୱାସ ରଖି ବାଦ୍ୟଧ୍ୱନି ମଧ୍ୟରେ ନିଆଁରେ ଓ କଣ୍ଟାରେ ଚାଲନ୍ତି ଅଥବା ଖଣ୍ଡାଧାରରେ ଛିଡ଼ା ହୁଅନ୍ତି । ସେମାନଙ୍କ କାର୍ଯ୍ୟାନୁସାରେ ବିଭିନ୍ନ ପାଟୁଆରେ ବିଭକ୍ତ ହୋଇଥାନ୍ତି । ଯଥା-ନିଆଁ ପାଟୁଆ, କଣ୍ଟା ପାଟୁଆ ବା ଖଣ୍ଡା ପାଟୁଆ କୁହାଯାଏ । ଏ ପ୍ରକାର ପର୍ବ ମୟୂରଭଞ୍ଜ ଓ କେନ୍ଦୁଝରରେ ଉଡ଼ା ପରବ ଆକାରରେ ପାଳନ କରାଯାଏ । ଏହିଦିନ ବନ୍ଧନଯୁକ୍ତ ପକ୍ଷୀମାନଙ୍କୁ ସେମାନେ ମୁକ୍ତ କରିଥାନ୍ତି । ଅର୍ଥାତ ପକ୍ଷୀମାନଙ୍କୁ ଉଡ଼ାଇଥାନ୍ତି ।

ହିନ୍ଦୁଳା ଅଗ୍ନିରୂପା ବା ଅରୂପା । ଏଣୁ ଯଥାର୍ଥରେ ରାଧାନାଥ ମହାଯାତ୍ରାରେ କହିଛନ୍ତି-



*‘ଚିତ୍ରାପିତ ପ୍ରତିମା ଯେସନେ*
*ସିଙ୍ଗଡ଼ ତଟନୀ ଧୌତ ଅଙ୍ଗାର ପ୍ରାନ୍ତରେ*
*ପବିତ୍ର ହିଙ୍ଗୁଳା ପୀଠେ ଜଳିଉଠେ*
*ଆଚମ୍ବିତ ବିଶ୍ୱଶିଖା ନିଦାଘ ନିଶୀଥେ ।’*

ଆସନ୍ତୁ ସେ ହିଙ୍ଗୁଳାଙ୍କର ଶରଣ ପଶିବା ।

**ବିପିନବିହାରୀ ମହାନ୍ତି,**
**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା,**
**ଫୋନ୍-୯୯୩୮୩୪୪୧୩୮**

## ଲୁଥେରାନ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ଦୁଷ୍କର୍ମ ପରେ ଶିଶୁପୁତ୍ର ଜନ୍ମ ଅଭିଯୋଗର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତ ଟିମ ଗଠନ କଲେ ଏସପି

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଳିପଙ୍କସ୍ଥିତ ଲୁଥେରାନ ମହିଳା ସମିତି ଶିଶୁ ଯତ୍ନ ଅନୁଷ୍ଠାନର ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମରୁ ଶିଶୁପୁତ୍ର ଜନ୍ମ ଅଭିଯୋଗର ତଦନ୍ତ କରିବା ପାଇଁ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସମ୍ପିତ ସମ୍ପଦ ମଡକର ଏକ ସ୍ୱତନ୍ତ୍ର ତଦନ୍ତ ଟିମ ଗଠନ କରିଛନ୍ତି । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବ୍ରହ୍ମନାନ୍ଦ ଗାଗାରିନ ମହାନ୍ତିଙ୍କ ନେତୃତ୍ୱରେ ଗଠିତ ଏହି ସ୍ୱତନ୍ତ୍ର ତଦନ୍ତ ଟିମରେ ଟାଉନ ଥାନାର ଭାରପ୍ରାପ୍ତ ଇନିସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ଆଇ.ୟୁ.ସି.ଏ.ଡବ୍ଲୁ.ର ଇନିସପେକ୍ଟର ସସ୍ମିତା ବେହେରା, ଟାଉନ ଥାନାର ମହିଳା ସବଇନିସପେକ୍ଟର କାଦମ୍ବିନି ପରିଡା ଓ ମାର୍ଶାଘାଇ ଥାନାର ସବଇନିସପେକ୍ଟର ଦେବାଶିଷ ପଣ୍ଡା ରହିଛନ୍ତି । ନବ ଗଠିତ ପୋଲିସ ଟିମଟି ମାର୍ଶାଘାଇ ଥାନା କେଶ ନମ୍ବର ୧୮୩/ ୨୦୨୧(ତା୬.୦୪.୨୦୨୧)ର ଆଇପିସିର ଧାରା ୩୭୬(୨)(୧),୨୯୪, ୫୦୬, ୩୪,୧୦୯ ଏବଂ ମାର୍ଶାଘାଇ ଥାନା କେଶ ନମ୍ବର ୧୮୭/୨୦୨୧(ତା ୮.୦୪.୨୦୨୧)ର ଆଇ.ପି.ସିର ଦଫା ୩୭୬(୨)(ଘ)(୧),୩୭୦, ୪୦୩, ୪୦୬ ଓ ୩୪ ଘଟଣା ସମ୍ପର୍କରେ ପେଷାଦାର ମନୋଭାବ ସହ ସଠିକ ଢଙ୍ଗରେ ତଦନ୍ତକୁ ତ୍ୱରାନ୍ୱିତ କରବା ପାଇଁ ଗଠନ କରାଯାଇଛି । ଏହି ତଦନ୍ତକାରୀ ଟିମ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମହାନ୍ତିଙ୍କ ପରାମର୍ଶ ଓ ନିର୍ଦ୍ଦେଶ କ୍ରମେ କାର୍ଯ୍ୟ କରିବ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି ।

## ଲୁଥେରାନ ମହିଳା ସମିତି ବିରୋଧରେ ହୋଇଥିବା ଅଭିଯୋଗଗୁଡିକର ତଦନ୍ତ କରିବେ ତିନିଜଣିଆ ଟିମ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ପାଟଳିପଙ୍କସ୍ଥିତ ଲୁଥେରାନ ମହିଳା ସମିତି ବିରୋଧରେ ହୋଇଥିବା ଅଭିଯୋଗ ଗୁଡିକର ତଦନ୍ତ କରି ଆସନ୍ତା ୧୫ତାରିଖ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ନିରଞ୍ଜନ ବେହେରା ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଜିଲ୍ଲା ମଙ୍ଗଳ ଅଧିକାରିଣୀ ମମତାରାଣୀ ପରିଡାଙ୍କ ନେତୃତ୍ୱରେ ଗଠିତ ତଦନ୍ତ ଟିମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଚିନ୍ମୟୀ ରଥ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ନିଆଯାଇଛି । ଏହି ଟିମ ଲୁଥେରାନ ମହିଳା ସମିତିର ଶିଶୁ ଯତ୍ନ ଅନୁଷ୍ଠାନର ପରିଚାଳନା ସମ୍ପର୍କରେ ସବୁ ଦିଗରୁ ତଦନ୍ତ କରିବା ସହ, ନିଯୁକ୍ତି ପ୍ରକ୍ରୀୟା ସମ୍ପର୍କିତ ସମସ୍ତ ରେକର୍ଡ, ବ□ମାନର ପରିଚାଳନା ପରିଷଦ, ବ□ମାନର ଶିଶୁ ଯତ୍ନ ଅନୁଷ୍ଠାନରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କ ସମ୍ପର୍କରେ, ପରିଚାଳନାଗତ ତ୍ରୁଟି ଓ ଆବଶ୍ୟକତା ଅନୁଯାଇ କର୍ମଚାରୀ ଅଛନ୍ତି କି ନାହିଁ ସେ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ । ଏଥିସହିତ ସେହି ଟିମ ଶିଶୁ ଯତ୍ନ ଅନୁଷ୍ଠାନର ବିଭିନ୍ନ ତ୍ରୁଟି ଓ ଦାୟୀତ୍ୱ ଖିଲାପ କରିଥିବା କର୍ମଚାରୀଙ୍କ ବିରୋଧରେ ଆବଶ୍ୟକ ମତାମତ ସହ ପରାମର୍ଶ ମଧ ରିପୋର୍ଟରେ ଦେଇପାରିବେ ବୋଲି ନିର୍ଦ୍ଦେଶରେ କୁହାଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ପିଓ ଆଇ.ସି. ବାଦଲ ଦାଶଙ୍କ ଠାରୁ ସମସ୍ତ ଦାୟୀତ୍ୱ ପ୍ରତ୍ୟାହାର କରିନିଆଯାଇଥିବା ବେଳେ ମହାକାଳପଡା ବ୍ଲକର ସିଡିପିଓ ମନୋରମା ସ୍ୱାଇଁଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ପି.ଓ. ଆଇ.ସି.ଦାୟୀତ୍ୱରେ ରହିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବରୁ ପ୍ରାକ୍ତନ ଜିଲ୍ଲାପାଳ ସମର୍ଥ ବର୍ମା ଲୁଥେରାନ ମହିଳା ସମିତିର ଶିଶୁ ଯତ୍ନ ଅନୁଷ୍ଠାନରେ ହୋଇଥିବା ଏକ ସଂଗୀନ ଘଟଣା ସମ୍ପର୍କରେ ପୂର୍ବତନ ଭାରପ୍ରାପ୍ତ ଶିଶୁ ମଙ୍ଗଳ ସମିତିର ଅଧକ୍ଷା ସ୍ମିତାଞ୍ଜଳି ମହାପାତ୍ରଙ୍କ ରିପୋର୍ଟ ଉପରେ ତଦନ୍ତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ରଥଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ସେହି ଘଟଣାର ତଦନ୍ତ ଆଜିବି ରହସ୍ୟାବୃତ ହୋଇରହିଛି । ଅନ୍ୟପକ୍ଷରେ ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ଲୁଥେରାନରେ ଘଟୁଥିବା ସମସ୍ତ ଘଟଣା ସମ୍ପର୍କରେ କିଭଳି କିଛି ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ସରକାରୀ ଅଧିକାରୀଙ୍କୁ ନେଇ ଗଠିତ ତଦନ୍ତ ଟିମ ଯେ ନିରପେକ୍ଷ ରିପୋର୍ଟ ପ୍ରଦାନ କରିବା ସମ୍ଭବ ନୁହେଁ ତାହା ସାଧାରଣରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଜୁନ୍ ୨୩

# ଅନାଥଙ୍କ ପାଇଁ 'ଆଶୀର୍ବାଦ' ସ୍ୱାଗତଯୋଗ୍ୟ ଓ ଯୁଗାନ୍ତକାରୀ ଯୋଜନା

ମହାମାରୀ କରୋନାରେ ପିତା-ମାତାଙ୍କୁ ହରାଇ ଅନାଥ ହୋଇଯାଇଥିବା ଶିଶୁମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ 'ଆଶୀର୍ବାଦ' ନାମକ ଏକ ନୂତନ ଯୋଜନା ଘୋଷଣା କରିବା ନିଶ୍ଚିତ ଭାବେ ଏକ ସମୟୋପଯୋଗୀ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ। ଏହା ନିଶ୍ଚିତ ଯେ, ମହାମାରୀ କରୋନାରେ ରାଜ୍ୟରେ ଶହଶହ ଶିଶୁ ଉଭୟ ମା'ବାପା କିମ୍ବା କେବଳ ବାପା କିମ୍ବା ମା'ଙ୍କୁ ହରାଇ ଛେଉଣ୍ଡ ହୋଇଯାଇଛନ୍ତି। ମହାମାରୀରେ ଉଭୟ ମା' ବାପାଙ୍କୁ ହରାଇଥିବା ଶିଶୁମାନଙ୍କୁ ମାସିକ ୨୫୦୦ ଟଙ୍କା, କେବଳ ମା କିମ୍ବା ବାପା ତଥା ପରିବାରର ମୁଖ୍ୟ ଉପାର୍ଜନକାରୀଙ୍କୁ ହରାଇଥିବା ଶିଶୁଙ୍କ ପାଇଁ ମାସିକ ୧୫୦୦ ଟଙ୍କା ସହାୟତା ଘୋଷଣା କରିଛନ୍ତି। ସେମାନଙ୍କ ଲାଳନପାଳନ ଦାୟିତ୍ୱ ନେଇଥିବା ସଂପର୍କୀୟଙ୍କ ବ୍ୟାଙ୍କ ଖାତାରେ ଏହି ଅର୍ଥ ଜମା ହେବ। ଅନାଥଙ୍କ ଶିକ୍ଷା, ଦୀକ୍ଷା, ସ୍ୱାସ୍ଥ୍ୟ ଓ ଭରଣପୋଷଣରେ ଏହି ଟଙ୍କା ଖର୍ଚ୍ଚ ହେବ। ତେବେ ଅନାଥ ଶିଶୁଙ୍କୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ଏହି ସହାୟତା ମିଳିବ। କେବଳ ଏତିକି ନୁହେଁ, ଅନାଥ ପିଲାମାନେ ଯେଉଁ ସ୍କୁଲରେ ପଢୁଥିଲେ, ସେହି ସ୍କୁଲରେ ପଢିବେ କିମ୍ବା ସେହିମାନର ଯେକୌଣସି ବିଦ୍ୟାଳୟରେ ପାଠ ପଢିପାରିବେ। ଆବଶ୍ୟକ ହେଲେ ସେମାନଙ୍କୁ ଆଦର୍ଶ କିମ୍ବା କେନ୍ଦ୍ରୀୟ ବିଦ୍ୟାଳୟ ପରି ଉନ୍ନତ ମାନର ସ୍କୁଲରେ ଶିକ୍ଷା ପାଇପାରିବେ। ଆହୁରି ମଧ୍ୟ ଉଚ୍ଚଶିକ୍ଷା ପାଇଁ ସେମାନଙ୍କୁ ସବୁଜ ପଥ (ଗ୍ରୀନ ପ୍ୟାସେଜ) ଯୋଜନାରେ ସହଯୋଗ ଯୋଗାଇ ଦେବା ପାଇଁ ସରକାର ଘୋଷଣା କରିଛନ୍ତି। ଏହା ବ୍ୟତୀତ ଅନାଥ ଶିଶୁଙ୍କୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବୀମା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣାରେ ସ୍ୱାସ୍ଥ୍ୟସେବା ସୁବିଧା ଦିଆଯିବ। ସେହିପରି ସେମାନଙ୍କୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଜନା କିମ୍ବା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବ। ଏହା ବ୍ୟତୀତ ଅନାଥ ଶିଶୁ ରହୁଥିବା ଆତ୍ମୀୟ ସ୍ୱଜନ ଯଦି ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାର ସାମିଲ ହେବାକୁ ଯୋଗ୍ୟ ହୋଇଥାନ୍ତି, ତେବେ ଅଗ୍ରାଧିକାର ଭିତିରେ ତାଙ୍କୁ ଘର ଯୋଗାଇ ଦିଆଯିବ। କେବଳ ଆବାସ ଯୋଜନା ନୁହେଁ, ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ଦିଆଯିବ। ସେହିପରି ଅନାଥ ଶିଶୁର ସଂପତିର ସୁରକ୍ଷା ପାଇଁ ଶିଶୁମଙ୍ଗଳ ସମିତି, ଜିଲ୍ଲା ଶିଶୁ ସୁରକ୍ଷା, ତହସିଲଦାର ଓ ପୋଲିସ ମିଳିତ ପଦକ୍ଷେପ ନେବେ। ଆତ୍ମୀୟ ସ୍ୱଜନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସୁବିଧା ସୁଯୋଗ ଘୋଷଣା କରିଛନ୍ତି। ତାହା ନିଶ୍ଚିତ ଭାବରେ ଅନାଥ ଶିଶୁର ଯନଃ ଦାୟିତ୍ୱକୁ ସୁନିଶ୍ଚିତ କରିବ, ଏଥିରେ ସନ୍ଦେହ ନାହିଁ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଅନାଥ ଶିଶୁଙ୍କ ସଠିକ୍ ଠାବ। କରୋନା ମୃତ୍ୟୁର କୌଣସି ସଠିକ ତାଲିକା ନଥିବାରୁ ଅନାଥ ଶିଶୁଙ୍କୁ ଚିହ୍ନଟ କରିବା ନିଶ୍ଚିତ ଭାବେ ଏକ ଚ୍ୟାଲେଞ୍ଜ ହୋଇପାରେ। କହିବା ବାହୁଲ୍ୟ ଯେ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ(ଏନସିପିସିଆର) ସୁପ୍ରିମକୋର୍ଟରେ ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ମହାମାରୀ କରୋନାରେ ଓଡିଶାରେ ୧୦୭୩ ଜଣ ଶିଶୁ ଉଭୟ ପିତାମାତା କିମ୍ବା କେବଳ ବାପା କିମ୍ବା ମା'ଙ୍କୁ ହରାଇ ଅନାଥ ହୋଇଥିବା କୁହାଯାଇଛି କିନ୍ତୁ ଓଡିଶା ସରକାରଙ୍କ ତଥ୍ୟ ଅନୁଯାୟୀ ମହାମାରୀରେ ୨୩୫ ଜଣ ଶିଶୁ ଅନାଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୮ ଜଣ ଉଭୟ ବାପା ଓ ମା'ଙ୍କୁ ହରାଇଥିବା ବେଳେ ଅନ୍ୟ ୧୯୭ ଜଣ ଶିଶୁ କେବଳ ବାପା କିମ୍ବା ମା'ଙ୍କୁ ହରାଇ ଅନାଥ ହୋଇଥିବା କୁହାଯାଇଛି। ଏହା ନିଶ୍ଚିତ ଯେ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ରିପୋର୍ଟ ଓ ରାଜ୍ୟ ସରକାରଙ୍କ ରିପୋର୍ଟ ମଧ୍ୟରେ ଆକାଶ ପାତାଳ ତଫାତ୍ ରହିଛି। ବାସ୍ତବରେ ରାଜ୍ୟରେ କେତେ ଶିଶୁ ଅନାଥ ହୋଇଛନ୍ତି, ତାହା ସଠିକ ଗଣନା ସାଂପ୍ରତିକ ସମୟରେ ସବୁଠାରୁ ବଡ ଆବଶ୍ୟକତା। ଅନାଥ ଶିଶୁଙ୍କ ସଠିକ ଚିହ୍ନଟ ବିନା ଯୋଜନାର କିଛି ମୂଲ୍ୟ ନାହିଁ। ଯୋଜନା କେବଳ ଯୋଜନାରେ ରହିଯିବା ସାର ହେବ। ଅବଶ୍ୟ 'ଆଶୀର୍ବାଦ' ଯୋଜନାରୁ ଜଣେ ହେଲେ ଅନାଥ ଶିଶୁ ଯେପରି ବାଦ୍ ନପଡନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଛନ୍ତି। ଅନାଥ ଶିଶୁ ଚିହ୍ନଟ ପାଇଁ ପଂଚାୟତର ସରପଂଚମାନଙ୍କ ଠାରୁ ଜିଲ୍ଲାପାଳ ରିପୋର୍ଟ ତଲବ କରନ୍ତୁ, ଗ୍ରାମ ପଂଚାୟତ ସ୍ତରରୁ ଅନାଥ ଶିଶୁ ଚିହ୍ନଟ ହେଲେ, ରାଜ୍ୟରେ କେତେ ଶିଶୁ ମହାମାରୀରେ ଅନାଥ ହୋଇଛନ୍ତି। ତାହାର ସଠିକ ଗଣନା ସୁନିଶ୍ଚିତ ହୋଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ ଦେଇଥିବା ରିପୋର୍ଟ ଅନୁଯାୟୀ ଦେଶରେ ୩୬୨୧ ଶିଶୁ ଉଭୟ ପିତାମାତାଙ୍କୁ ହରାଇଥିବାବେଳେ ୨୬,୧୭୬ ଜଣ କେବଳ ମା' କିମ୍ବା ବାପାଙ୍କୁ ହରାଇଛନ୍ତି। ସେହିପରି ୨୭୪ ଜଣ ପରିତ୍ୟକ୍ତ ହୋଇ ପଡିଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୭୦୮୪ ଜଣ ଅନାଥ ହୋଇଥିବାବେଳେ ଉତରପ୍ରଦେଶରେ ୩୧୭୨, ରାଜସ୍ଥାନରେ ୨୪୮୨, ହରିୟାନାରେ ୨୪୩୮, ମଧ୍ୟପ୍ରଦେଶରେ ୨୨୪୩, ଆନ୍ଧ୍ରପ୍ରଦେଶରେ ୨୦୮୯, କେରଳରେ ୨୦୦୨, ବିହାରରେ ୧୬୩୪ ଜଣ ଶିଶୁ ଅନାଥ ହୋଇଥିବା କୁହାଯାଇଛି। ଅନାଥ ଶିଶୁଙ୍କ ପାଇଁ ପ୍ରାଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନାଥ ଶିଶୁଙ୍କ ପାଇଁ 'ଆଶୀର୍ବାଦ' ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଦେଶରେ ଅନ୍ୟ ରାଜ୍ୟପାଇଁ ଏହା ପଥ ପ୍ରଦର୍ଶକ ହେବ, ଏଥିରେ ସନ୍ଦେହ ନାହିଁ। ଯୋଜନାର ସୁଫଳ ଅନାଥଙ୍କ ନିକଟରେ ପହଁଚିବା ପ୍ରତି ସମସ୍ତେ ଧାନ ଦେବା ଜରୁରୀ।


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

ପାଠକୀୟ ମତାମତ ଓ ପରାମର୍ଶ 'ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ଘୋଷା ପଣ୍ଡିତ ଓ ଜ୍ଞାନୀ ପଣ୍ଡିତ

ଆମ ଭାରତ ହେଉଛି ଏକ ମହାନ ଆର୍ଯ୍ୟ ଭୂମି। ଏହାର କଳା, ସଂସ୍କୃତି ଓ ଶିକ୍ଷା ସାରା ବିଶ୍ୱରେ ମହାନ। ଯଦି ଆମେ ଆମ ଅତିତକୁ ଅନ୍ବେଷଣ କରିବା ତେବେ ଆମେ ଜାଣିପାରିବା ପୁରାତନ କାଳରେ ମୁନୀଋଷି ମାନେ ଦେଶ ଗଠନ ଦାୟିତ୍ୱ ନେଉଥିଲେ। ଛାତ୍ରଙ୍କୁ ଉପଯୁକ୍ତ ଶିକ୍ଷାଦେଇ ସହନଶୀଳତା ସାଙ୍ଗକୁ ନମ୍ର, ଭଦ୍ର,ଶିଷ୍ଟାଚାର,ବିବେକାନୁ ମୋଦିତ ବିଚାରଧାରା, ସାମାଜିକ ଚଳଣି ଇତ୍ୟାଦି ଶିକ୍ଷା ଦେଉଥିଲେ। ମାତ୍ର ଆଜିର ବିଜ୍ଞାନ ଯୁଗରେ ସେ ପ୍ରକାର ଶିକ୍ଷାର ଅଭାବ ପରିଲିକ୍ଷିତ ହେଉଛି। ବର୍ତ୍ତମାନର ଯୁଗରେ ପଣ୍ଡିତଙ୍କ ସଂଖ୍ୟା ବଢିବାରେ ଲାଗିଛି ମାତ୍ର ଜ୍ଞାନୀ ପଣ୍ଡିତଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ହେବାରେ ଲାଗିଛି। ଏଇ ପଣ୍ଡିତ ଓ ଜ୍ଞାନୀ ପଣ୍ଡିତ ଙ୍କୁ ନେଇ କାହାଣୀଟିଏ ମନେ ପଡୁଛି। ଯାହା ହେଲା ଏକଦା ଗୋଟିଏ ବିଦ୍ୟାଳୟରେ ସଂସ୍କୃତ ପଣ୍ଡିତେ ପିଲାମାନଙ୍କୁ କାରକ ବିଭକ୍ତି ପଢାଇଥିବା ବିଷୟରୁ ପ୍ରଶ୍ନଟିଏ ପଚାରିଥିଲେ ଯାହା ଥିଲା " ପିଲାଟି ବାପାଙ୍କ ପକେଟରୁ ଚୋରିକରି ମଦ ପିଇଲା" ଏ ବାକ୍ୟରେ କାରକ ନିରୁପଣ କର। ଅନେକ ଛାତ୍ର ଯେଉଁମାନେ କାରକ ଘୋଷିଥିଲେ ସେମାନେ ଉତର ଦେଲେ ପଣ୍ଡତେ ପକେଟରୁ, ଚୋରିକରି,ମଦ ପିଇଲା ଏଗୁଡିକ ଅପାଦାନ କାରକ ଓ କର୍ମ କାରକ। ପଛ ବେଞ୍ଚରେ ବସିଥିବା ଗୋପାଳିଆ ନିଜ ହାତଟିକୁ ଲମ୍ବାଇ କହିଲା ପଣ୍ଡିତେ ଏ ଉତର ଭୂଲ। ପଣ୍ଡିତେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଯଦି ଏ ଉତର ଭୂଲ ତେବେ ଠିକ୍ କଣ? ଗୋପାଳୀ କହିଲା ଆଜ୍ଞା ମୋ ମତରେ ଚୋରି କରିବା ଓ ମଦ ପିଇବା ଏ ଦୁଇଟି ଯାକ ମଣିଷ ଜୀବନ ପାଇଁ କ୍ଷତିକାରକ। ପଣ୍ଡିତେ ଅଶ୍ଚର୍ଯ୍ୟ ହୋଇ ଗୋପାଳିଆକୁ ଆପାଦ ମସ୍ତକ ପର୍ଯ୍ୟନ୍ତ ନୀରିକ୍ଷଣ କରି କହିଲେ ଆରେ ଗୋପାଳ କିଏ କହୁଛି ତୁ ଗୋଟିଏ ବଗୁଲିଆଟାଏ। ତୋ ପାଖରେ ଥିବା ଅନ୍ତର୍ନିହିତ ଗୁଣପାଇ ମୁଁ ତୋତେ ଧନ୍ୟବାଦ ଦେବାସହ ଆଶିର୍ବାଦ କରୁଛି। ଏ କାହାଣୀ ଏଠାରେ ଅବତାରଣା କରିବାର ଅଭିପ୍ରାୟ ଏହା ଯେ ଆଜି ଆମ ସମାଜରେ ବହୁ ଘୋଷା ପଣ୍ଡିତଙ୍କର ଆବିର୍ଭାବ ମାତ୍ର ଜ୍ଞାନୀପଣ୍ଡିତ ଙ୍କ ସଂଖ୍ୟା କମ୍। କଥାରେ ଅଛି ବହିରେ ଥିବା ପାଠ ଓ ପରହାତରେ ଥିବା ଧନ ଠିକ୍ କାମବେଳେ କାର୍ଯ୍ୟରେ ଆସିନଥାଏ। ଆମେ ସମସ୍ତେ ଜାଣୁଛେ ସିଗାରେଟ, ମଦ,ଗଞ୍ଜେଇ ଇତ୍ୟାଦି ସେବନ କରିବା ସ୍ୱାସ୍ଥ୍ୟ ପକ୍ଷରେ ହାନିକାରକ ଏବଂ ସମାଜପ୍ରତି ବିପତ୍ତି ତଥାପି ଆମ ସମାଜର ପଣ୍ଡିତ ମାନେ ନିସଙ୍କୋଚ ତଥା ନିଧଡକରେ ଏହାକୁ ସେବନ କରିବାପାଇଁ କୁଣ୍ଠାବୋଧ କରୁନାହାଁନ୍ତି । ଆମ ସରକାର ମ୍ଭ ବାବୁମାନଙ୍କ ଚାହିଦା ଅନୁସାରେ ଏହାର ବହୁଳ ବେପାର ସହ ଘରେ ଘରେ ଏହାର ଉପଲବ୍ଧି କରାଇ ସରକାରି ତହବିଲର ଭରଣା କରୁଛନ୍ତି। ଆମ ଘୋଷା ପଣ୍ଡିତମାନେ ନିଶା ସେବନର ଅପକାର ବିଷୟରେ ଜାଣିସୁଦ୍ଧା ଅଜଣା ଚାଉଳର ଭାତ ଖାଉଚନ୍ତି। ଫଳରେ ସମାଜରେ ଚୋରି, ଡକାୟତି,ରାହାଜାନୀ ଓ ଅନୈତିକ ପ୍ରକ୍ରିୟାର ପ୍ରାବଲ୍ୟ ଦିନକୁ ଦିନ ବଢିବାରେ ଲାଗିଛି। ଏହି ନିଶା ରାହାଜାନୀ,ଚୋରିକୁ ରୋକିବା ପାଇଁ ପ୍ରଶାସନ ନାକେଦମ ହେବାସହ ଅକ୍ଷମତା ମ୍ଭ ପ୍ରକାଶ କରୁଛି। ଏହାର ଏକମାତ୍ର କାରଣ ଗୋପାଳିଆ ଭଳି ଜ୍ଞାନୀ ପଣ୍ଡିତଙ୍କର ଅଜିର ସମାଜରେ ଅଭାବ। ଆଜିର ପଣ୍ଡିତ ମାନେ ବହୁ ପାଠୁଆ ମାତ୍ର ସେମାନେ ନିଜର ବୁଦ୍ଧି,ବିବେକ ଓ ବିଚାରଶକ୍ତି ହରାଇ ବସିଛନ୍ତି। ଯେଉଁ ମାନଙ୍କର କାମ ଚୋରୀକୁ ରୋକିବା ସେମାନେ ଲାଂଚ ଓ ଲୋଭର ବଶବର୍ତ୍ତୀ ହୋଇ ଏହାକୁ ପ୍ରୋତ୍ସାହିତ କରୁଛନ୍ତି। ଠିକ୍ ସେହିପରି ସାହିତ୍ୟ କ୍ଷେତ୍ରରେ ଅନେକ ବିଜ୍ଞ, ପ୍ରାଜ୍ଞ ଲେଖକ ମାନେ ନିଜ ଲେଖା ମ୍ଭମରେ ସମାଜକୁ ଶିକ୍ଷା ଦିଅନ୍ତି ମାତ୍ର ସେମାନେ ଯାହା ସମାଜ ପାଇଁ ଲେଖନ୍ତି ତାର କାଣିଚାଏ ନିଜ ଜୀବନରେ ପ୍ରତି ଫଳିତ କରିନଥାନ୍ତି। ମାତ୍ର ସେମାନେ ସମାଜର ନାମୀ,ଦାମୀ ଘୋଷା ପଣ୍ଡିତ। ମାତ୍ର ଅନ୍ୟ ପକ୍ଷରେ ନିଜ ଜୀବନରେ ପ୍ରତ୍ୟେକ ଘଟଣାର ଭଲମନ୍ଦ ବିଚାର କରି ଲେଖୁଥିବା ଲେଖକଟିର ଲେଖା ବଡ ବଡ କାଗଜରେ ସ୍ଥାନ ପାଏନି। କାରଣ ସେମାନେ ଘୋଷାପଣ୍ଡିତ ନୁହଁନ୍ତ କି କପିପେଷ୍ଟ ଲେଖକ ନୁହଁନ୍ତି। ସେମାନେ ନିଜ ଜୀବନର ଅଙ୍ଗଲିଭା କଥା ତଥା ସମାଜରେ ଘଟିଥିବା ବିଭିନ୍ନ ଅନୈତିକ ଘଟଣାକୁ ଲେଖିଥାନ୍ତି ଯଦି ଏହି ଘୋଷାପଣ୍ଡିତ ଓ ଜ୍ଞାନୀ ପଣ୍ଡିତଙ୍କର ଏକ ସୂଚୀ ପ୍ରସ୍ତୁତ କରାଯାଏ ତେବେ ଘୋଷା ପଣ୍ଡିତ ଙ୍କ ସଂଖ୍ୟା ସର୍ବାଗ୍ରେ ରହିଲାବେଳେ ଜ୍ଞାନୀ ପଣ୍ଡିତଙ୍କ ସଂଖ୍ୟା ନିମ୍ନରେ ରହିବ। ଜ୍ଞାନୀ ପଣ୍ଡିତ ଗୋପାଳିଆ ଭଳି ଯଦି ପ୍ରତ୍ୟେକ କଥାର ମହତ୍ୱକୁ ଉପଲବ୍ଧି କରିବା ସହ ପରିବାର, ସମାଜ, ଦେଶ ତଥା ରାଷ୍ଟ୍ର ବିଷୟରେ ଚିନ୍ତା କରନ୍ତେ ତେବେ ସମାଜର ଅଶେଷ କଲ୍ୟାଣ ସାଧିତ ହୁଅନ୍ତା। ସନ୍ଥ ତୁଳସୀ ରାବଣକୁ ସୀତା ଚୋରି ପ୍ରସଙ୍ଗରେ ବିଭିଷଣ ଦ୍ୱାରା ଯେଉଁ ଉପଦେଶ ଦେଇଥିଲେ ତାହା ଥିଲା ସଚିବ, ବୈଦ୍ୟ ଓ ଗୁରୁ ଏ ତିନିଜଣ ଯଦି ରାଜାର ବା ଶାସକର ଚାଟୁକାର ସାଜି ରାଜାକୁ ସୁହାଇଲା ଭଳି କଥା କହନ୍ତି ତେବେ ସେମାନଙ୍କର ରାଜଧର୍ମ ନାଶ ହେବାସହ ସମାଜର ଅହେତୁକ କ୍ଷତି ହୋଇଥାଏ। ହେ ମୋର ସୁଧି ପାଠକ ଆଜି ଆମ ସମାଜରେ ଯେଉଁ ସଚ୍ଚିବ ତାର ଶାସକକୁ ସେ କରୁଥିବା ଅନୈତିକ କାର୍ଯ୍ୟପ୍ରତି ରୋକ୍ ନଲଗାଇ ଚାଟୁକାର ସାଜେ ଓ ଗୁରୁ ଯଦି ସଠିକ୍ ମାର୍ଗଦର୍ଶନ ନଦିଏ ଏବଂ ବୈଦ୍ୟ ଯଦି ପଇସା ପ୍ରଲୋଭନରେ ନିଜ କାର୍ଯ୍ୟରେ ହେଳା କରେ ତେବେ ସମାଜର ଅଧୋଗତି ହୋଇଥାଏ। ଠିକ୍ ବଗୁଲିଆ ଗୋପାଳିଆ କହିଲା ଭଳି ଯାହ ନିଜପାଇଁ, ପରିବାର ପାଇଁ ତଥା ସମାଜ ପାଇଁ କ୍ଷତିକାରକ ତାହାକୁ ହୃଦୟଙ୍ଗମ ନକରି କେବଳ ଘୋଷା ପଣ୍ଡିତ ହେଲେ ଏ ସମାଜର କଲ୍ୟାଣ ସାଧିତ ହେବକି? ଯାହା ଆଜିର ସୁଧି ପାଠକ ବିଚାର କରିବେ।


ଉମା ଶଙ୍କର ପ୍ରସାଦ

ସମ୍ପାଦକ, ମାର୍ଗଦର୍ଶୀ
ଖୋର୍ଦ୍ଧା, ୬୩୭୦୬ ୭୫୫୬୨

# ବୃକ୍ଷ ରୋପଣ ହିଁ ଜୀବନ ଧାରଣର ପ୍ରଥମ ବିକଳ୍ପ

ବୃକ୍ଷ ହିଁ ଜୀବନ,ଏହି ସ୍ଲୋଗାନ ସବୁବେଳେ ଦିଆ ଚାଲିଛି। ଜୀବନ ଧାରଣ ନିମନ୍ତେ, ବୃକ୍ଷର ଗୁରୁତ୍ୱ ଆବାଳ ବୃଦ୍ଧବନିତା,ସମସ୍ତେ ଜାଣନ୍ତି। ସରକାର, ପରିବେଶବିତ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମସ୍ତେ ବନୀକରଣ,ବନ ମହୋତ୍ସବ ସପ୍ତାହ ପାଳନ ଦ୍ୱାରା ସଚେତନତା ସୃଷ୍ଟି ସହିତ,ନୂତନ ବୃକ୍ଷ ରୋପଣ ନିମନ୍ତେ କୋଟି କୋଟି ଟଙ୍କା ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ଫଳ କଣ ହେଉଛି?ଉଭିଦ ବିଜ୍ଞାନି ମାନଙ୍କ ମତାନୁଯାୟୀ, ଲୋକ ସଂଖ୍ୟା ଅନୁପାତରେ ଯେତିକି ଜଙ୍ଗଲ ରହିବା କଥା,ଆମ ଦେଶରେ ତାହା ଅଛିକି?ବଡ ବଡ ସହର ନଗର ମାନଙ୍କରେ ବାୟୁ ପ୍ରଦୁଷଣ ମାତ୍ରା,ଏତେ ଅଧିକ ହୋଇଯାଇଛି ଯେ, ସେଠାରେ ବିଶୁଦ୍ଧ ବାୟୁ ବିକ୍ରୟ ଆରମ୍ଭ ହୋଇ ଯାଇଛି। ଆସନ୍ତା କିଛି ବର୍ଷ ମଧ୍ୟରେ ଏ ସମସ୍ୟା ଗ୍ରମାଚଂଳରେ ମଧ୍ୟ ପରିଲକ୍ଷିତ ହେବା ସୁନିଶ୍ଚିତ। ସମୟ ଆସିବ ଦିନେ ନା ଦିନେ, ମନୁଷ୍ୟ ସମାଜ, ପ୍ରକୃତିର ସର୍ବଶ୍ରେଷ୍ଠ ଦାନ, ବିଶୁଦ୍ଧ ବାୟୁ ଏବଂ ଜଳ ବ୍ୟତିରେକେ ଧ୍ୱଂସାଭିମୁଖୀ ହେବ, ଏହା ସ୍ପଷ୍ଟ ଦୃଶ୍ୟମାନ।ଜଙ୍ଗଲ କ୍ଷୟ ହେବାର ଅନେକ କାରଣ ମଧ୍ୟରୁ ତିନୋଟି ମୁଖ୍ୟ କାରଣ ହେଲା,ଜନ ବସତି ନିର୍ମାଣ,ପରିବହନ ନିମନ୍ତେ ରାସ୍ତାଘାଟ ନିର୍ମାଣ ଏବଂ ଆଧୁନିକ ଜୀବନ ଶୈଳୀ ର ଆବଶ୍ୟକତା ପରିପୁରଣ ନିମନ୍ତେ ଦ୍ରୁତ ଶିଳ୍ପାୟନ, ଯାହାକି ଆମ ନିୟନ୍ତ୍ରଣାଧୀନ ବୋଲି ଅସମ୍ଭବ ମନେ ହୁଏ। ଏ କାରଣ ସୃଷ୍ଟି ହେବାର ମୂଳ ବା ମୂଖ୍ୟ କାରଣ ହେଉଛି ଜନସଂଖ୍ୟା ବିସ୍ଫୋରଣ।ଭୌଗଳିକ ଏବଂ ଉଦ୍ଭିଦବିଜ୍ଞାନି ମାନଙ୍କ ଗବେଷଣା ଲବ୍ଧ ତଥ୍ୟ ହେଉଛି,ପୃଥିବୀ ପୃଷ୍ଠରେ ମନୁଷ୍ୟ ସୃଷ୍ଟି ହେବାର ବହୁ ପୂର୍ବରୁ,ବୃକ୍ଷଲତାର ସୃଷ୍ଟି। ମନୁଷ୍ୟ ସୃଷ୍ଟି ହେବା ପରେ ସେ ତାର ମୌଳିକ ଆବଶ୍ୟକତା ଯଥା ଖାଦ୍ୟ ବସ୍ତ୍ର ବାସଗୃହ ନିମନ୍ତେ,ସଂପୂର୍ଣ୍ଣ ଭାବରେ ଜଙ୍ଗଲ ଉପରେ ନିର୍ଭରଶୀଳ ଥିଲା।ଜଙ୍ଗଲର ଫଳମୁଳ ଥିଲା ତାର ଖାଦ୍ୟ,ଗଛର ପତ୍ର ଓ ବକଳ ଥିଲା ତାର ବସ୍ତ୍ର ଏବଂ ଗଛର କୋରଡ ଥିଲା ତାର ବାସଗୃହ। ଏତଦ୍ ବ୍ୟତୀତ ଅସୁସ୍ଥତା ଅନୁଭବ କଲେ ,ବିଭିନ୍ନ ବୃକ୍ଷର ପତ୍ର ଓ ଚେରମୂଳି ବ୍ୟବହାର କରି ଆରୋଗ୍ୟ ଲାଭ କରୁଥିଲା। କାଳକ୍ରମେ ଅଗ୍ନିର ବ୍ୟବହାର ଓ ଚାଷ କାର୍ଯ୍ୟ ଶିଖିବା ପରେ, ସେ ଯାଯାବର ଜୀବନରୁ ସ୍ଥାୟୀ ଜୀବନ ଯାପନ ଆରମ୍ଭ କଲା ଓ ତାର ଜଙ୍ଗଲ ନିର୍ଭରଶୀଳତା ହ୍ରାସ ପାଇଲା। କିନ୍ତୁ ଜାଳେଣୀ ଓ ଔଷଧ ପାଇଁ ବରାବର ଜଙ୍ଗଲ ଉପରେ ନିର୍ଭର କରୁଥିଲା। କାଳକ୍ରମେ ଜନସଂଖ୍ୟା ବୃଦ୍ଧି ଯୋଗୁ,ଜନ ବସତି ସ୍ଥାପନ ତଥା କୃଷି କ୍ଷେତ୍ର ନିର୍ମାଣ ନିମନ୍ତେ ଧୀରେ ଧୀରେ ବୃକ୍ଷ ଛେଦନ କାର୍ଯ୍ୟ ଆରମ୍ଭ ହୋଇଗଲା। କ୍ରମେ କ୍ରମେ ଏହି ପ୍ରକ୍ରିୟା ବୃଦ୍ଧିପ୍ରାପ୍ତ ହୋଇ ମନୁଷ୍ୟ ସମାଜକୁ ଏକ ଭୟଙ୍କର ବିପଜ୍ଜନକ ପରିସ୍ଥିତିରେ ପକାଇ ଦେଇଛି। ପୃଥିବୀ ପୃଷ୍ଠରେ ମନୁଷ୍ୟ ର ଜୀବନ ଧାରଣ ନିମନ୍ତେ,ପ୍ରକୃତିର ଅଦ୍ଭୁତ ବରଦାନ ହେଉଛି ବୃକ୍ଷ। ଅରଣ୍ୟର ବୃକ୍ଷରାଜି ହେଉଛି ଏକ ପ୍ରାକୃତିକ ଜାତୀୟ ସମ୍ପଦ। କେନ୍ଦୁପତ୍ର, ଶାଳପତ୍ର,ଝୁଣା,ଲାଖ ଇତ୍ୟାଦି ଅର୍ଥକାରୀ ସାମଗ୍ରୀ ସାଙ୍ଗକୁ ଔଷଧୀୟ ବୃକ୍ଷଲତା ତଥା ସର୍ବୋପରି ମନୁଷ୍ୟର ଜୀବନ ଧାରଣ ନିମନ୍ତେ ଅମ୍ଳଜାନ ଯୋଗାଣ ହେଉଛି,ପ୍ରକୃତିର,ବୃକ୍ଷ ମାଧ୍ୟମରେ, ମନୁଷ୍ୟ ସମାଜକୁ ଶ୍ରେଷ୍ଠ ଦାନ। ବୃକ୍ଷ ବିନା ଜୀବନ ନାହିଁ। ଏହି ଅକାଟ୍ୟ ସତ୍ୟକୁ ହୃଦୟଙ୍ଗମ କରି, ଆସନ୍ତୁ ବୃକ୍ଷ ରୋପଣ କରିବା। ବର୍ଷା ଦିନ ଆରମ୍ଭ ହୋଇଗଲା। ଆଉ ଅପେକ୍ଷା କାହିଁକି?ଆବାଳ ବୃଦ୍ଧ ବନିତା,ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ, ସରକାରୀ ବେସରକାରୀ ସଂସ୍ଥା ଓ ଯୁବକ ସମାଜ ଆଗେଇ ଆସନ୍ତୁ।ନିଜକୁ ଏବଂ ଦ୍ରୁତ ଗତିରେ ଧ୍ୱଂସ ଅଭିମୁଖରେ ଧାବମାନ ଏ ସୁନ୍ଦର ପୃଥିବୀକୁ ରକ୍ଷା କରିବା ପାଇଁ,ସମସ୍ତେ ଏକତ୍ରିତ ହୁଅନ୍ତୁ।ନିଜର ବାଡି ବଗିଚା ସହିତ,ପତିତ ଅନାବାଦୀ ଜମି ଏବଂ ରାସ୍ତା କଡରେ ବୃକ୍ଷ ରୋପଣ କରନ୍ତୁ। ଆସନ୍ତୁ କେବଳ ଜୁଲାଇ ମାସର ପ୍ରଥମ ସପ୍ତାହକୁ ବନ ମହୋତ୍ସବ ରୂପେ ନପାଳି,ସାରା ବର୍ଷା।ଦିନକୁ ବନ ମହୋତ୍ସବ ରୂପେ ପାଳିବା।ନଡିଆ, ଆମ୍ବ, ପଣସ, ଗୁଆ, ତାଳ, କଦମ୍ବ ବଉଳ, ବର, ଓସ୍ତ ଠାରୁ ଆରମ୍ଭକରି ନିମ୍ବ ପର୍ଯ୍ୟନ୍ତ ହାତରେ ଯେଉଁ ମଞ୍ଜି ପଡିଲା ,ତାକୁ ଲଗାଇ ଚାଲନ୍ତୁ।ଯୁବ ବନ୍ଧୁ ମାନଙ୍କ ପାଇଁ ଏକ ବଡ ଆହ୍ୱାନ। ମୋବାଇଲ ଚାଟିଙ୍ଗରେ ନିଜର ବହୁମୂଲ୍ୟ ସମୟକୁ ଅଯଥା ନଷ୍ଟ ନକରି, ନିଜଭବିଷ୍ୟତ,ନିଜ ବଂଶଧର ମାନଙ୍କ ଭବିଷ୍ୟତ ତଥା ଧ୍ୱଂସାଭିମୁଖୀ ଏ ପୃଥିବୀର ଭବିଷ୍ୟତକୁ ଲକ୍ଷ କରି,ବୃକ୍ଷ ରୋପଣ ପରି ମହତ ପୂଣ୍ୟ କାର୍ଯ୍ୟରେ ନିଜକୁ ସାମିଲ କରନ୍ତୁ।ପ୍ରଚାର ପ୍ରସାରର ମୋହ ତ୍ୟାଗ କରି, ଗଛ ଲଗାଇ ତାକୁ ସୁରକ୍ଷା ପ୍ରଦାନ କରି, କେଉଁ ପ୍ରକାର ସ୍ୱର୍ଗୀୟ ଆନନ୍ଦ ପ୍ରାପ୍ତି ହେଉଛି, ତାକୁ ଉପଭୋଗ କରନ୍ତୁ।ଏ ଭୟଙ୍କର କୋଭିଡ ମହାମାରୀରୁ କିଛି ଅନୁଭୁତି ସଂଗ୍ରହ କରନ୍ତୁ, ପ୍ରଦୁଷିତ ବାୟୁ ସେବନର ଭୟାବହତା କୁ ଅନୁଭବ କରନ୍ତୁ, ବିଶୁଦ୍ଧ ବାୟୁ କ୍ରୟ କରିବା ଦୃଶ୍ୟକୁ ମାନସ ଚକ୍ଷୁରେ ଦର୍ଶନ କରନ୍ତୁ,ତାପରେ ଫେରି ଆସନ୍ତୁ ବାସ୍ତବତାକୁ। ସରକାରୀ ସ୍ତରରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ,ପ୍ରତ୍ୟେକ ବର୍ଷ ବନୀକରଣ କାର୍ଯ୍ୟ କରା ଯାଉଛି,କିନ୍ତୁ ସୁରକ୍ଷା ଅଭାବରୁ,ତାହା ନଷ୍ଟ ହୋଇଯାଉଛି। ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ମାନସିକତାରେ, ସବୁଜ ବନାନୀ ସୃଷ୍ଟିର ବୈପ୍ଲବିକ ବୀଜ ବପନ କରିଦେବାର ସମୟ ଉପସ୍ଥିତ।ଆସନ୍ତୁ କଥାରେ ନୁହେଁ କାମରେ,ଉଚ୍ଚାରଣରେ ନୁହେଁ ଆଚରଣରେ ପ୍ରଦର୍ଶିତ କରିବା ଆମର ଶକ୍ତି, ନିଜକୁ ତଥା ଏ ପୃଥିବୀକୁ ଆସନ୍ନ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ।


ପ୍ରଦୀପ୍ତ ଆଚାର୍ଯ୍ୟ

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୮୯୩୨୨୦

# ଆଲ୍‌ଫ୍ରେଡ୍ ବର୍ନହାର୍ଡ ନୋବେଲ

୧୮୩୩ ମସିହା ଅକ୍ଟୋବର ମାସ ୨୧ ତାରିଖ ଦିନ, ସୁଇଡେନ୍ ରାଷ୍ଟ୍ରର ଷ୍ଟକହୋମ୍‌ସ୍ଥିତ ନରମାନସ୍‌ଗାଟାନ୍‌ରେ ମାତା ଆଣ୍ଡ୍ରିଏଟିଙ୍କ ଠାରୁ ଆଲ୍‌ଫ୍ରେଡ୍ ବର୍ନହାର୍ଡ ନୋବେଲ ଜନ୍ମଗ୍ରହଣ କରିଥିଲେ । ପିତା ଇମ୍ମାନୁଏଲ୍ ନୋବେଲଙ୍କ ପାରିବାରିକ ଅବସ୍ଥା ବିଶେଷ ସ୍ୱଚ୍ଛଳ ନଥିଲା । ଆଲଫ୍ରେଡ୍ ନୋବେଲ ଜନ୍ମରୁ ଦୁର୍ବଳ ଆଉ ରୁଗ୍‌ଣ ଥିଲେ । ତାଙ୍କର ଉଚ୍ଚତା ମଧ୍ୟ କମ୍ ଥିଲା । ମାତା ଆଣ୍ଡିଏଟିଙ୍କ ଭଲ ପାଇବା ଓ ଯତ୍ନ ଯୋଗୁଁ ଆଲ୍‌ଫ୍ରେଡ ଆଜି ବିଶ୍ୱରେ ବନ୍ଦନୀୟ । ତାଙ୍କର ବୈଜ୍ଞାନିକ ପିତା କରତଗୁଣ୍ଡ ଓ ଅଠାର ମିଶ୍ରଣରୁ ପ୍ଲାଇଉଡ୍ ଉଦ୍‌ଭାବନ କରିଥିଲେ। ଫିନ୍‌ଲ୍ୟାଣ୍ଡରେ ବ୍ୟବସାୟ ଆରମ୍ଭକରି ପ୍ରଚୁର ଅର୍ଥ ରୋଜଗାର କଲେ। ଇମ୍ମାନୁଏଲ୍ ଏକ ବିସ୍ଫୋରକ ଦ୍ରବ୍ୟର ଖଣି ଆବିଷ୍କାର କରିଥିଲେ । ଇମ୍ମାନୁଏଲ୍ ରୁଷିଆର ଜାରଙ୍କଠାରୁ ଇମ୍ପେରିଆଲ ସ୍ୱର୍ଣ୍ଣପଦକ ପାଇବାର ଗୌରବ ଅର୍ଜନ କଲେ । ଆଲ୍‌ଫ୍ରେଡ୍ ପିତାଙ୍କ ସହିତ ମିଶି ନାଇଟ୍ରୋଗ୍ଲିସେରିନ୍ ଉପରେ ଅନେକ ପରୀକ୍ଷା ନିରୀକ୍ଷା ଚଳାଇଲେ । ୧୮୬୩ ଅକ୍ଟୋବର ୧୪ ତାରିଖ ନାଇଟ୍ରୋଗ୍ଲିସେରିନ୍‌ର ପ୍ରଥମ ପ୍ୟାଟେର୍ଣ୍ଟ ପାଇଥିଲେ । ଦିନେ ଗବେଷଣାଗାରରେ ନୋବେଲ ନଥାନ୍ତି। ଏତିକିବେଳେ ତାଙ୍କ ଗବେଷଣାଗାରରେ ବିସ୍ଫୋରଣରେ ତାଙ୍କ ସାନଭାଇ ଅସ୍କାର ଏମିଲ୍ ମୃତ୍ୟୁବରଣ କଲେ। ସମଗ୍ର ମାନବ ଜାତିର ପ୍ରଗତି ପାଇଁ ନିଜ ଜୀବନ କୁ ବାଜି ଲଗାଇ ତରଳ ନାଇଟ୍ରୋଗ୍ଲିସେରିନ୍‌କୁ କଠିନ ଖଣ୍ଡରେ ପରିଣତ କରିବା ପ୍ରୟାସ ଜାରିରଖିଲେ । ୧୮୭୨ ମସିହାରେ ପିତାଙ୍କ ମୃତ୍ୟୁପରେ ଆଲଫ୍ରେଡ୍ ଇଉରୋପ୍ ସାରା ବୁଲି ତାଙ୍କ ନାଇଟ୍ରୋଗ୍ଲିସେରିନ୍ ବ୍ୟବସାୟର ପ୍ରସାର ପାଇଁ ପ୍ରୟାସ ଚଳାଇଥାନ୍ତି। ରେଳଲାଇନ୍ ତିଆରି ଓ ଖଣିରୁ ଧାତୁ ଦ୍ରବ୍ୟ ବାହାର ପାଇଁ ନାଇଟ୍ରୋଗ୍ଲିସେରିନ୍‌ର ବ୍ୟବହାର କରାଯାଉଥିଲା। ତରଳ ନାଇଟ୍ରୋଗ୍ଲିସେରିନ୍ ଜାହାଜରେ ଜର୍ମାନୀର ଏକ ମାଟି କରତ ଗୁଣ୍ଡ ସ୍ଥାନର ଭୁଲ୍‌ବଶତଃ ରହିଥିବାରୁ, ତରଳ ନାଇଟ୍ରୋଗ୍ଲିସେରିନ୍ ମାଟି ସହିତ ମିଶି ଛୋଟ ଛୋଟ ଦାନାରେ ପରିଣତ ହେଲା । ଗବେଷକ ଆଲଫ୍ରେଡ୍ ଏହି ଦାନାକୁ ବିଦ୍ୟୁତ୍ ଶକ୍ ଦେବାରୁ ବିସ୍ଫୋରିତ ପ୍ରତିକ୍ରିୟା ପ୍ରକାଶ ପାଇଲା। ଏହି ନୂତନ ମିଶ୍ରଣ ନାଇଟ୍ରୋଗ୍ଲିସେରିନ୍ ଠାରୁ ଅଧିକ ଫଳପ୍ରଦ ହେବାରୁ ଏହାର ନାମ ନୋବେଲ୍ ନିରାପଦ ଗୁଣ୍ଡ । ଏହି ନୋବେଲ୍ ନିରାପଦ ଗୁଣ୍ଡ ଡିନାମାଇଟ୍ ନାମରେ ନାମିତ ହେଲା। ଡିନାମାଇଟ୍ ତିଆରି ପାଇଁ ଏକ ଭାଗ କିଜେଲଗୁର ମାଟି ସହିତ ତିନିଭାଗ ତରଳ ନାଇଟ୍ରୋଗ୍ଲିସେରିନ୍ ମିଶ୍ରଣ କରାଯାଇଥାଏ ।

୧୮୬୭ ମସିହାରେ ନୋବେଲ୍ ଆଣ୍ଡ କମ୍ପାନୀ ଡିନାମାଇଟ୍ ରପ୍ତାନୀ ଆରମ୍ଭ କଲେ । ସେହିଦିନ ଠାରୁ ଯୁଦ୍ଧ ସାମଗ୍ରୀ ରପ୍ତାନୀକାରୀ ହିସାବରେ ଆଲ୍‌ଫ୍ରେଡ୍ ପରିଚିତ ହେଲେ। ୧୮୬୮ ମସିହାରେ ସୁଇଡେନ୍‌ର ବିଜ୍ଞାନ ଏକାଡେମୀ ଆଲ୍‌ଫ୍ରେଡ୍‌ଙ୍କୁ ତାଙ୍କର ବିଜ୍ଞାନର ମୌଳିକ ଅବଦାନ ପାଇଁ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ । ନୋବେଲ୍‌ଙ୍କର ଡିନାମାଇଟ୍ ପ୍ରସ୍ତୁତି କାରଖାନା ଆମେରିକା, ପ୍ୟାରିସ ଓ ବ୍ରିଟେନ୍ ପ୍ରଭୃତି ଦେଶରେ ଦେଖାଦେଲା । ନୋବେଲ୍ ବ୍ରିଟେନ୍‌ର ଆରଡର୍ ଠାରେ ସ୍ଥାପନ କଲେ ପୃଥିବୀର ସର୍ବବୃହତ ଡିନାମାଇଟ୍ କାରଖାନା । ଅର୍ଥ, ଜ୍ଞାନ ଓ ଗବେଷଣା ଥିଲା ତାଙ୍କ ଜୀବନର ପ୍ରଧାନଧାରା। ସେ ପ୍ରତି କ୍ଷେତ୍ରରେ ମନ ପ୍ରାଣ ଢ଼ାଳି ନିଷ୍ଠାର ସହିତ କାର୍ଯ୍ୟ କରୁଥିଲେ । ତାଙ୍କର କୌଣସି ଫ୍ୟାକ୍ଟରୀରେ ଧର୍ମଘଟ କି ତାଲବନ୍ଦ ହୋଇନଥିଲା । ତାଙ୍କର ନିଃସଙ୍ଗ ଜୀବନ ମଧ୍ୟରେ ସେ ଥରେ ନିଜର ଜଣେ ବନ୍ଧୁଙ୍କ ପାଖକୁ ଚିଠି ଦେଇଥିଲେ ।

କାହାନ୍ତିସେମାନେ ? ମୋର ସମସ୍ତ ବନ୍ଧୁ ଗଲେ କୁଆଡେ ? ପାଣିମୟ ସଂର୍ସଂଆ ସ୍ଥାନ ରୂପକ ମିଥ୍ୟା ଭ୍ରାଂିର କର୍ଦ୍ଦମାକ୍ତ ଭୂମିରେ ସେମାନେ କଣ ଫଶିଗଲେ ? ନା ଅଟକିଗଲେ ଅର୍ଥ ଉପାର୍ଜନ ପଙ୍କିଳ ଭୂମିରେ । ମୁଁ ତୁମକୁ କହିରଖୁଛି ସେ ଅଧିକାଂଶ ବନ୍ଧୁ କେବଳ କୁକୁର ମାନଙ୍କ ଭିତରେ ଦେଖିବାକୁ ମିଳନ୍ତି। ଯେଉଁମାନଙ୍କୁ ଆମେ ଅନ୍ୟପ୍ରାଣୀଙ୍କ ମାଂସ ଖୁଆଇଥାଉ । ଏମିତି ବହୁତ ବନ୍ଧୁ ଅଛଁି, ଯେଉଁମାନେ ଆମ ନିଜ ମାଂସରେ ପାଳିତ । ବିପୁଳ ଯଶଃ ଅର୍ଥ ଓ ଐଶ୍ୱର୍ଯ୍ୟ ମଧ୍ୟରେ ରହି ମଧ ସେ ଶାନ୍ତିପ୍ରିତି ଓ ସାହିତ୍ୟ ଅନୁରାଗି ଥିଲେ । ତାଙ୍କ ଗ୍ରନ୍ଥାଗାରଟିରେ ପ୍ରାୟ ପନ୍ଦରଶହଟି ମୂଳ ଭାଷାରେ ଲିଖିତ ପୁସ୍ତକ ରହିଥିଲା । ଆଲ୍‌ଫ୍ରେଡ୍ ବହୁ କବି, ଗାଳ୍ପିକ, ଔପନ୍ୟାସିକ ଓ ନାଟ୍ୟକାରଙ୍କ ସହିତ ସମ୍ପର୍କ ରଖିଥିଲେ। ଭୋଲଟାୟାର ଓ ରୁଷୋଙ୍କ ଦର୍ଶନ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଚାର୍ଲସ୍ ଡାରଉଇନ୍‌ଙ୍କ ବିବର୍ତନ ବାଦର ସେ ଥିଲେ ବଡ ସମର୍ଥକ । ଆଲଫ୍ରେଡ୍‌ଙ୍କ ସ୍ୱାସ୍ଥ୍ୟହାନି ଯୋଗୁଁ ସେ ବୈଜ୍ଞାନିକ ଗବେଷଣା ତଥା ପରୀକ୍ଷା ନିରୀକ୍ଷାରୁ ବିରତ ହୋଇ ଲେଖାଲେଖିରେ ମନନିବେଶ କଲେ । ତାଙ୍କ ଦ୍ୱାରା ରଚିତ ଉପନ୍ୟାସ 'ଇନ୍ ବ୍ରାଇଟେଷ୍ଟ ଆଫ୍ରିକା' ଓ 'ସିଷ୍ଟାର୍ନା' । ସେ 'ଦି ପ୍ୟାଟେଣ୍ଟ ବ୍ୟାସିଲସ୍' ନାମକ ପୁସ୍ତକରେ ଅମଲାତନ୍ତ୍ରର ଔଦ୍ଧତ ଓ ନିଜର ଅନୁଭୂତିକୁ ହାସ୍ୟରସାତ୍ମକ ଭାବେ ବର୍ଣ୍ଣନା କରିଛଂି। ତାଙ୍କର ଅନ୍ୟ ଏକ ନାଟ୍ୟ ପୁସ୍ତକ ନାମ ଥିଲା 'ନେମେସିସ୍' । ଜ୍ଞାନ, ବିଜ୍ଞାନ, ବିଶ୍ୱାସ, ଯୁଦ୍ଧ ବିଗ୍ରହ ଓ ଶାଂିସ୍ଥାପନ ସଂକ୍ରା'ରେ ତାଙ୍କର ଅନେକ ଲେଖା ସଂଗ୍ରହାଳୟରେ ସଂରକ୍ଷିତ । ପ୍ରଗତିପନ୍ଥୀ ନୋବେଲ୍ ଧାରଣ ଥିଲା ଯେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶରେ ହିଁ ମାନବ ଜାତିର ସମୃଦ୍ଧି ହେବ । ଜ୍ଞାତି ବନ୍ଧୁ ବିହୀନ ନିଃସଙ୍ଗ ଜୀବନ ଥିଲା ବର୍ନହାର୍ଡ ନୋବେଲଙ୍କର । ୧୮୯୬ ମସିହା ଡିସେମ୍ବର ମାସ ୧୦ ତାରିଖ ଦିନ ଅଲ୍‌ଫ୍ରେଡ୍ ବର୍ନହାର୍ଡ ନୋବେଲ୍ ଅଫିସ୍ ଟେବୁଲ ପାଖରେ ବସି କାମ କରୁଥିବା ସମୟରେ ଚିରନିଦ୍ରାରେ ଶୋଇ ଯାଇଥିଲେ । ତାଙ୍କ ମୃତ୍ୟୁବେଳକୁ ପାଖରେ କେହି ନଥିଲେ । ତାଙ୍କ ଟେବୁଲ ଡ୍ର' ଭିତରୁ ମିଳିଲା ଅଂିମ ଇଚ୍ଛାପତ୍ର ଓ ଶାନ୍ତିସନନ୍ଦ । ନୋବେଲ୍‌ଙ୍କ ଶେଷ ଇଚ୍ଛାପତ୍ର ୧୮୯୫ ମସିହା ନଭେମ୍ବର ମାସ ୨୭ ତାରିଖରେ ପ୍ୟାରିସ୍‌ଠାରେ ସ୍ୱାକ୍ଷରିତ ହୋଇଥିଲା । ଉଇଲ୍‌ର ସର୍ତ ଅନୁଯାୟର ଗଠିତ ହେଲା 'ନୋବେଲ୍ ଫାଉଣ୍ଡେସନ୍' । ନୋବେଲ୍‌ଙ୍କର ସମ୍ପତିର ବିକ୍ରିବଟାରୁ ପ୍ରାପ୍ତ ଅର୍ଥ ଓ ଗଚ୍ଛିତ ଅର୍ଥକୁ ମିଶାଇ ଏକ ସ୍ଥାୟୀ ପାଣ୍ଠିରେ ଜମା ରଖାଗଲା । ଏହି ଜମା ଅର୍ଥର ସୁଧରୁ ନୋବେଲ ପୁରସ୍କାର ବାବଦରେ ଖର୍ଚ୍ଚ ପାଇଁ ବ୍ୟବସ୍ଥା ହେଲା । ପୁରସ୍କାର ପ୍ରଦାନର ଦାୟିତ୍ୱ ନୋବେଲ୍ ଫାଉଣ୍ଡେସନ୍ ଉପରେ ନ୍ୟସ୍ତ ହେଲା । ଆଲ୍‌ଫ୍ରେଡ୍ ନୋବେଲ୍‌ଙ୍କ ମୃତ୍ୟୁ ଦିବସକୁ 'ନୋବେଲ୍ ଦିବସ' ରୂପେ ପାଳନ କରାଯାଏ । ୧୯୦୧ ମସିହାଠାରୁ ନୋବେଲ ଫାଉଣ୍ଡେସନ୍, ଚାରିଟି ପୁରସ୍କାର ପ୍ରଦାନକାରୀ ସଂସ୍ଥାଦ୍ୱାରା ୫ଟି ବିଭାଗ ପାଇଁ ପୁରସ୍କାର ପ୍ରଦାନକରି ଆସୁଅଛି । ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଶରୀର ତତ୍ୱ ତଥା ଭେଷଜ ବିଜ୍ଞାନ, ସାହିତ୍ୟ ଓ ଶାନ୍ତିପାଇଁ ମହାନ୍ ବ୍ୟକ୍ତିମାନଙ୍କୁ ନୋବେଲ୍ ପୁରସ୍କାର ଦିଆଯାଇଥାଏ । ବ୍ୟାଙ୍କ ଅଫ୍ ସୁଇଡେନ୍ ୧୯୬୮ ମସିହାରେ ନୋବେଲ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅର୍ଥନୀତି ବିଜ୍ଞାନ ଶାଖାରେ ନୋବେଲ ପୁରସ୍କାର ଦେବାର ବ୍ୟବସ୍ଥା କଲେ ଓ ୧୯୬୯ ମସିହାଠାରୁ ଏହା ପ୍ରଦତ ହେଲା । ନୋବେଲ ପୁରସ୍କାର ଲାଭ କରିଥିବା ବ୍ୟକ୍ତିଙ୍କୁ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥାଏ ଗୋଟିଏ ସ୍ୱର୍ଣ୍ଣ ପଦକ, ଏକ ପ୍ରମାଣ ପତ୍ର ଓ ଅର୍ଥ ରାଶି ।


ଅକ୍ଷୟ କୁମାର ରାଉତ

ପାରାଦ୍ୱୀପଗଡ଼
ମୋବାଇଲ୍ :
୯୯୩୭୬୯୧୪୭୫








ଶ୍ରୀକ୍ଷେତ୍ର ପୁରୀର ରଥଖଳାରେ ରଥ ଉପରେ ଏକ ରୂପକାର ଦେବଦେବୀଙ୍କର ମୂର୍ତ୍ତି ଖୋଦେଇ କରିବାରେ ନିମଗ୍ନ ( ଫଟୋ-ଶୁଭେନ୍ଦୁ)

## ଭଦ୍ରକରେ ପୁଣି ବ୍ରାଉନସୁଗାର ଜବତ, ୩ କୋର୍ଟ ଚାଲାଣ

ଭଦ୍ରକ : ଭଦ୍ରକ ଏବେ ଧଳାଜହର ରୂପୀ ବ୍ରାଉନସୁଗାର ପେଣ୍ଠସ୍ଥଳ ପାଲଟିଗଲାଣି । ଗତକାଲି ୩ ଜଣ ଯୁବକଙ୍କୁ ବ୍ରାଉନସୁଗାର ଖାଉଥିବା ଅବସ୍ଥାରେ କାବୁ କରି ସ୍ଥାନୀୟ ଜନସାଧାରଣ ପୁଲିସ୍‌ର ଜିମା ଦେଇଥିବାବେଳେ ଆଜି କୋଭିଡ୍-୧୯ ଜନିତ ଲକଡାଉନ୍ ସମୟରେ ଭଦ୍ରକ ସହରା ଲ ଥାନା ପକ୍ଷରୁ ଏମ୍‌ଭିଆଇ ଚେକିଂର ପାଟ୍ରୋଲିଂ ବେଳେ ୩ ଜଣ ଯୁବକଙ୍କ ନିକଟରୁ ୧୦ ଗ୍ରାମ ଓଜନର ବ୍ରାଉନସୁଗାର ଜବତ ହୋଇ ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଗତକାଲି ରାତିରେ ଭଦ୍ରକ ସହରା ଲ ଥାନା ପୁଲିସ୍‌ର ଏକ ଟିମ୍ ଏମ୍‌ଭିଆଇ ଚେକିଂର ପାଟ୍ରୋଲିଂ କରୁଥିବା ସମୟରେ ପୌରାଂଚଳ ଅଧୀନସ୍ଥ କା ାବଣିଆ ଗ୍ରାମର ପେଟ୍ରୋଲ ପମ୍ପ ନିକଟରେ ୩ ଜଣ ଯୁବକଙ୍କୁ ସନ୍ଦିଗ୍ଧ ଅବସ୍ଥାରେ ଅଟକାଇଥିଲା ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

## ସହରରେ ୧୮ ବର୍ଷରୁ ୪୪ ବର୍ଷ ବୟସ୍କଙ୍କ ପାଇଁ କୋଭିଡ ଟିକାକରଣ ଆରମ୍ଭ

ଜୟପୁର: ଜୟପୁର ସହରରେ ସୋମବାର ଠାରୁ ୧୮ ବର୍ଷ ରୁ ୪୪ ବୟସ୍କ ଟିକା ଦେବା ଆରମ୍ଭ ହୋଇଛି । ୨୧ ତାରିଖ ଠାରୁ ୨୫ ତାରିଖ ଯାଏ ଟିକା ଦାନ କରାଯିବ । କୋଭିଡ ନିୟମ ଅନୁଯାଇ ଟିକା ଦିଆଯାଉଛି । ସକାଳ ୯ରୁ ୫ ଟା ଯାଏ ଟିକା ଦିଆଯିବା ସହ ଲୋକଙ୍କୁ ଅନଲାଇନରେ ସ୍ଲଟ ବୁକିଂ ଅନୁସାରେ ଟିକା ଦାନ କେନ୍ଦ୍ର କୁ ଟିକା ଦାନ କରାଯାଉଛି । ଗୋଟିଏ ଗୋଟିଏ ଟିକା ଦାନ କେନ୍ଦ୍ରରୁ ୩ ଶହରୁ ୫ ଶହଟି ଟିକା ପ୍ରତ୍ୟେକ ଦିନ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଜୟପୁର ଜିଲା ଚିକିତ୍ସାଳୟର ଟିକା ସହ ଜୟପୁର ସହରରେ ଶାନ୍ତି ଶୃଙ୍ଖଳାରେ ଟିକା କରଣ ଚାଲିଥିବା ସିଡିଏମଓ ମକରନ୍ଦ ବେହେରା ସୁଚନା ଦେଇଛନ୍ତି । ଟିକା ନେବା ପାଇଁ ସହରରେ ୧୦ଟି ଟିକାଦାନ କେନ୍ଦ୍ର କରାଯାଇଛି । ସେଗୁଡିକ ହେଲା ଟାଉନ ହଲ, ସରକାରୀ ଉଚ୍ଚ ବିଦ୍ୟାଳୟ, ସିଟି ହାଇସ୍କୁଲ, ଜୟନଗର ସ୍ଥିତ ସରସ୍ୱତୀ ବାଲ ମନ୍ଦିର, ଲିଙ୍ଗରାଜନଗର ସ୍ଥିତ ଇଣ୍ଡୋର ଷ୍ଟାଡିୟମ, କୋଭିଡ ହସପିଟାଲ୍ ନିକଟ ଜଗଧାତ୍ରିପୁର ୟୁପିଏଚସି. ଜିଲା ଚିକିତ୍ସାଳୟ, ଝିଙ୍କରତୋଟା ସ୍ଥିତ ୟୁପିଏଚସି ।

# ବୃଦ୍ଧାଙ୍କୁ ମିଳୁନାହିଁ ଘର ଓ ଚାଉଳ

ଭଦ୍ରକ : ଗ୍ରାମା ଳରେ ବସବାସ କରୁଥିବା ଗରିବ ଅସହାୟ ଲୋକମାନଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଣୟନ ହୋଇଛି ଅନେକ ଜନକଲ୍ୟାଣକାରୀ ଯୋଜନା । କିନ୍ତୁ ବାସ୍ତବରେ ଏହି ଯୋଜନା ପ୍ରକୃତ ହିତାଧିକାରୀଙ୍କ କାର୍ଯ୍ୟରେ ଲାଗୁନାହିଁ । ଏହିଭଳି ଦୀର୍ଘ ବର୍ଷ ବର୍ଷ ଧରି ଜଣେ ଅସିତିପର ବୟସର ଅସହାୟ ବିଧବା ମହିଳା ନିଜର ବିକୃତ ମସ୍ତିଷ୍କ ପାଗଳ ପୁଅକୁ ଧରି ବରଡା ପତ୍ର ଘରେ ଜୀବନ ବିତାଉଥିବାବେଳେ ଏମାନଙ୍କ ପାଇଁ ସାତସ୍ୱପ୍ନ ହୋଇଛି ସରକାରଙ୍କ ଉକ୍ତ ଜନକଲ୍ୟାଣ ଯୋଜନା । ଏପରି ସ୍ଥଳେ ଆବାସ ଯୋଜନାରେ ଘର, ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ପାଇବା ପାଇଁ ବାରମ୍ବାର ଗୁହାରି କରୁଥିଲେ ବି କେହି ଦୃଷ୍ଟି ଦେଉନାହାଁନ୍ତି ବୃଦ୍ଧାଙ୍କ ଅଭିଯୋଗ ପ୍ରତି । ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ସରକାରଙ୍କ ଏହି ଜନକଲ୍ୟାଣ ଯୋଜନାର ସଫଳ ରୂପାୟନ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ବ୍ଲକ୍ ଗେଲଟୁଆ ପଂଚାୟତର ରଣପଦା ଗ୍ରାମର ମାତାଜୀ ରାଉତଙ୍କ କ୍ଷେତ୍ରରେ । ବୟସ ୮୦ ବର୍ଷ, ନିଜ ସ୍ୱାମୀ ଦୀର୍ଘବର୍ଷ ପୂର୍ବେ ମୃତ୍ୟୁବରଣ କରିବା ପରେ ୪ ପୁଅଙ୍କୁ ସାଙ୍ଗରେ ଧରି ଅଭାବ ଅନାଟନରେ ରହୁଥିଲେ । କିଛିଦିନ ପରେ ସାନ ମଝିଆ ପୁଅର ମୃତ୍ୟୁ ହୋଇଥିବାବେଳେ ସାନ ପୁଅ ପାଗଳ ହୋଇଗଲା । ଏପରି ଅବସ୍ଥାରେ ବଡପୁଅ ଓ ମଝିଆ ଦୁଇପୁଅ ମା’ ଠାରୁ ଅଲଗା ହୋଇଗଲେ । ସେହିଦିନ ଠାରୁ ମାତାଜୀ ନିଜ ପାଗଳ ପୁଅକୁ ସାଙ୍ଗରେ ଧରି ଚଳିବା ପାଇଁ ବାରଦ୍ୱାର ଶୁଣିପିଣ୍ଡା ହେଉଛନ୍ତି । ହେଲେ ଘରଖଣ୍ଡିଏ ନଥିବାରୁ ନିଜ ଜମିରେ ସେ ବରଡାପତ୍ର ଓ ବାଉଁଶ କଣିରେ ଘର ଖଣ୍ଡିଏ କରି ଖରାବର୍ଷାରେ ନିଜ ପାଗଳ ପୁଅକୁ ଧରି ଦୀର୍ଘ ୧୫ ବର୍ଷ ହେବ ଜୀବନ ବିତାଉଛନ୍ତି । ବୟସର ସାୟାହ୍ନରେ ପହ ୍ଥିବା ମାତାଜୀ ନିଜ ପାଗଳ ପୁଅର ଯତ୍ନ ଠିକ୍ ଭାବେ ନେଇପାରୁନଥିବାବେଳେ ଖାଦ୍ୟ ରାନ୍ଧି ନିଜେ ଖାଇବା ଓ ତାକୁ ଖୁଆଇବା କଷ୍ଟକର ହୋଇପଡିଛି । ଆଖିକୁ ସେଭଳି ଭଲ ଦେଖାଯାଉନାହିଁ । ଏପରି ସ୍ଥିତିରେ ବରଡାପତ୍ର ଘରେ ବର୍ଷା, ଖରାରେ ରହି ହେଉନଥିବା ଯୋଗୁଁ ପାଖରେ ଥିବା ବରଗଛ ତଳେ ଅଧିକାଂଶ ସମୟରେ ଜୀବନ ବିତାଉଥିବାର ସେ କହିଛନ୍ତି । ଏବେ କେବଳ ସରକାରୀ ସହାୟତା କହିଲେ ମାତ୍ର ୫ ଶହ ଟଙ୍କା ଭ । ପାଉଛନ୍ତି । ଦୀର୍ଘବର୍ଷ ଧରି ପାଗଳ ପୁଅକୁ ଧରି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ମାଗିଯାଚି ଜୀବନ ବିତାଉଥିବାବେଳେ ଇନ୍ଦିରା ଆବାସ ଯୋଜନାରେ ଘର ଓ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ଦେବାପାଇଁ କାକୁତି ମିନତୀ ହେଉଥିଲେ ବି ତାଙ୍କ ଗୁହାରି କେହି ବି ଶୁଣୁନାହାଁନ୍ତି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଆର୍ଥିକ ଅନାଟନରେ ଥିବା ମାତାଜୀଙ୍କ ବଡପୁଅ ରମାକାନ୍ତ ମା’କୁ ପାଖରେ ରଖିବା ପାଇଁ ନେଇଥିଲେ ବି ମା’ ପାଗଳ ପୁଅକୁ ଛାଡି ରହିପାରିବେ ନାହିଁ ବୋଲି କହିଛନ୍ତି । ତେବେ ଘର ଓ ଚାଉଳ ପାଇଁ ସରପଂଚଙ୍କୁ ବାରମ୍ବାର ବାରମ୍ବାର ଗୁହାରି କରିଥିଲେ ବି ସେ କେବଳ ପ୍ରତିଶ୍ରୁତି ଦେଇ ସମୟ ଗଡାଇ ଚାଲିଛନ୍ତି ବୋଲି କହିଛନ୍ତି ମାତାଜୀଙ୍କ ବଡପୁଅ ରମାକାନ୍ତ । ଏଭଳି ଅବସ୍ଥାରେ ମାତାଜୀ ଓ ତାଙ୍କ ପାଗଳ ପୁଅର ଅବସ୍ଥା ଦେଖି ଗ୍ରାମବାସୀମାନେ ସାହାଯ୍ୟ ସହଯୋଗ କରି ଆସୁଥିବାବେଳେ ତାଙ୍କୁ ଘର ଖଣ୍ଡିଏ ଯୋଗାଇଦେବା ପାଇଁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା ଜୟକୃଷ୍ଣ ମହାଳିକ । ତେବେ ଏହି ଖବର ପାଇବା ପରେ ଭଦ୍ରକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ବେହେରା ଉକ୍ତ ଗ୍ରାମରେ ପହଂଚି ଘଟଣାର ତଦନ୍ତ କରିବା ପରେ ମାତାଜୀଙ୍କ ନାମ ଏସ୍‌ଇସିସି ରିପୋର୍ଟରେ ତାଲିକାଭୁକ୍ତ ଥିବାରୁ ଖୁବଶୀଘ୍ର ଘର ଯୋଗାଇଦେବା ସହ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରି ସମସ୍ତ ସରକାରୀ ସହାୟତା ଯୋଗାଇଦେବେ ବୋଲି କହିଛନ୍ତି ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢେ଼ଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢେ଼ଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ, ୧୨ନଂ ୱାର୍ଡରୁ ଜଣେ, ୧୩ନଂ ୱାର୍ଡରୁ ୨ଜଣ, ୧୭ନଂ ୱାର୍ଡରୁ ଜଣେ, ୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା,(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, “ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।’’

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଓକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି ।




# ରକ୍ତଜନିତ ରୋଗ ହେମୋଫିଲିଆ

**ହେ**ମୋଫିଲିଆ ହେଉଛି ଏକ ରକ୍ତଜନିତ ରୋଗ। ଗ୍ରୀକ୍ ଶବ୍ଦ ହାମିଆ ଓ ଫିଲିଆକୁ ନେଇ ଗଠିତ ହୋଇଛି ହେମୋଫିଲିଆ। ହେମିଆ ଅର୍ଥ ବ୍ଲଡ୍ ବା ରକ୍ତ ଏବଂ ଫିଲିଆ ଅର୍ଥ ଫ୍ରେଣ୍ଡ ବା ବନ୍ଧୁ। ଏହି ରୋଗ ହେଲେ ରକ୍ତ ସହଜରେ ଜମାଟ ବାନ୍ଧି ନ ଥାଏ। କାରଣ ହେମୋଫିଲିଆରେ ଜଣେ ଆକ୍ରାନ୍ତ ହେଲେ ରକ୍ତ ଜମାଟ ବାନ୍ଧିବା ପାଇଁ ଆବଶ୍ୟକ ହେଉଥିବା ପ୍ରୋଟିନ୍ କ୍ଷରଣ ବାଧାପ୍ରାପ୍ତ ହୋଇଥାଏ। କେତେକ କ୍ଷେତ୍ରରେ ଦେଖାଯାଏ ଏପରିକି ନବଜାତକ ପିଲାଟି ଜନ୍ମ ହେବା ବେଳେ ନାହିରୁ ରକ୍ତ କ୍ରମାଗତ ବାହାରିଥାଏ। ଏହା ହେମୋଫିଲିଆର ପ୍ରଧାନ ଲକ୍ଷଣ। ଏ କ୍ଷେତ୍ରରେ ଜଣଙ୍କର ରକ୍ତ ପରୀକ୍ଷାରୁ ସବିଶେଷ ଜଣାପଡ଼ିବା ପରେ ଫ୍ୟାକ୍ଟର-୮ ବା ଫ୍ୟାକ୍ଟର-୯ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଏ। ଅନେକ ମୁର୍ମୁଷୁ ରୋଗୀ ମାନଙ୍କୁ ରକ୍ତ ଦେବାକୁ ପଡ଼ିଥାଏ। ବେଳେବେଳେ କୌଣସି ସ୍ଥାନରେ ଆଘାତ ହେଲେ ସେହି ସ୍ଥାନର ଭିତର ଭାଗରେ ରକ୍ତ କ୍ଷରଣ ହୋଇଥାଏ କିନ୍ତୁ ହେମୋଫିଲିଆ ହୋଇଥିଲେ ଏହି ରକ୍ତ ଜମାଟ ବାନ୍ଧିନଥାଏ। ସାଧାରଣତଃ ହିମୋଫିଲିଆକୁ ତିନି ଭାଗରେ ବିଭକ୍ତ କରାଯାଇଛି। ଯଥା ହେମୋଫିଲିଆ-ଏ, ହେମୋଫିଲିଆ-ବି ଓ ସି। ବର୍ତ୍ତମାନ ଦେଖାଯାଉଥିବା ହେମୋଫିଲିଆ ରୋଗୀଙ୍କ ମଧ୍ୟରେ ପ୍ରାୟ ୭୦ ଭାଗ ଟାଇପ୍-ଏ ବର୍ଗର। ରକ୍ତରେ 'ଥ୍ରୋମ୍ବୋପ୍ଲାଷ୍ଟିନ୍' ନାମକ ଉପାଦନ କମ୍ ହେଲେ ହିମୋଫିଲିଆ ବା ରକ୍ତସ୍ରାବ ନାମକ ରୋଗ ହୋଇଥାଏ। ଏହା ଏକ ଆନୁବଂଶିକ ରୋଗ । ଏହି ରୋଗର ଶିକାର ହେଉଥିବା ରୋଗୀ ଶରୀରର ବାହ୍ୟ ଅଂଶରେ ରକ୍ତ ବାହାରିଲେ ତାହା ସହଜରେ ଜମାଟ ବାନ୍ଧି ନଥାଏ। ଫଳରେ ରୋଗୀ ଶରୀରରେ ଥରେ କ୍ଷତ କିମ୍ବା ଚୋଟ ସୃଷ୍ଟି ହେଲେ ରକ୍ତସ୍ରାବ କମିନଥାଏ । ଏହାଦ୍ୱାରା ରୋଗୀ ରକ୍ତ ହରାଇ ଦୁର୍ବଳ ହୋଇପଡ଼ିଥାଏ। ଶରୀରରେ ନୀଳ ଦାଗ ଦେଖାଦେବା, ନାକ ଓ ଆଖିରୁ ରକ୍ତ ବାହାରିବା ଏହି ରୋଗର ଲକ୍ଷଣ । ଅନେକ ହୁଏତ ଜାଣିନାହାଁନ୍ତି ହେମୋଫିଲିଆ ଏକ ମାରାତ୍ମକ ରୋଗ। ଚିକିତ୍ସା ବିଜ୍ଞାନରେ ଯଥେଷ୍ଟ ଉନ୍ନତି ଘଟିଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଏହି ରକ୍ତଜନିତ ରୋଗରେ ଜଣେ ପୀଡ଼ିତ ହୋଇ ସଠିକ୍ ଚିକିତ୍ସାରୁ ବଞ୍ଚିତ ହୋଇଥାନ୍ତି। ଆଉ ଏହା ପାଇଁ ଦାୟୀ ହେଉଛି ସଚେତନତା। ହେମୋଫିଲିଆ ପରି ରୋଗରୁ ଉପଶମ ପାଇବା ଲାଗି ଏହାର ଠିକ୍ ଉପାୟରେ ଚିକିତ୍ସା କରାଯିବା ଦରକାର। ୱାର୍ଲଡ଼୍ ଫେଡ଼େରେସନ ଅଫ ହେମୋଫିଲିଆ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ୧୯୮୯ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ସେହିଦିନ ଠାରୁ ପ୍ରତିବର୍ଷ ଅପ୍ରେଲ ସତରରେ ବିଶ୍ୱ ହେମୋଫିଲିଆ ଦିବସ ପାଳିତ ହୋଇଆସୁଅଛି। କିନ୍ତୁ ଏପରି ଦିନରେ ଉକ୍ତ ଦିବସ ପାଳିତ ହେବାପଛରେ ଏହାର ତାତ୍ପର୍ଯ୍ୟତା ରହିଛି। ଅପ୍ରେଲ ସତର ହେଉଛି ୱାର୍ଲଡ଼୍ ଫେଡ଼େରସନ ଅଫ୍ ହେମୋଫିଲିଆର ପ୍ରତିଷ୍ଠାତା ଫ୍ରାଙ୍କ ସ୍ନାବେଲଙ୍କ ଜନ୍ମଦିନ। ସମଗ୍ର ବିଶ୍ୱରେ ବିଶେଷକରି ପିଲାମାନଙ୍କ ଠାରେ ଏପରି ରୋଗର ଭୟବହତାକୁ ପ୍ରତିହତ କରିବା ପାଇଁ ଉଦ୍ୟମ କରିଥିଲେ ଫ୍ରାଙ୍କ୍ ସ୍ନାବେଲ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପ୍ରକାଶିତ ରିପୋର୍ଟ ଅନୁଯାୟୀ ପାଖାପାଖି ୮୦ପ୍ରତିଶତ ହେମୋଫିଲିଆରୁ ରୋଗୀ ସଠିକ୍ ଓ ଉପଯୁକ୍ତ ଚିକିତ୍ସା ପାଇପାରି ନଥାନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଜନସଚେତନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ରୋଗରେ ପ୍ରାୟ ପୁରୁଷମାନେ ଆକ୍ରାନ୍ତ ହେବାର ଦେଖିବାକୁ ମିଳିଥାଏ। ଏହାକୁ ଏକ ବଂଶଗତ ରୋଗ କହିଲେ ଅତ୍ୟୁକ୍ତି ହେବନାହିଁ। ସାଧାରଣତଃ ଦେଖିବାକୁଗଲେ ମହିଳାଙ୍କ ଠାରେ ଏହି ରୋଗ ପ୍ରାୟ ହୁଏନାହିଁ। ଯଦି କୌଣସି ମହିଳାଙ୍କ ପରିବାରରେ କିମ୍ବା ତାଙ୍କ ମାମୁ ଘରେ କାହାକୁ ଏହି ରୋଗ ହୋଇଥାଏ ତେବେ ତାଙ୍କୁ ହେବାର ଆଶଙ୍କା ରହିଛି। ହିମୋଫିଲିଆ ହେବା ଦ୍ୱାରା କୌଣସି ସ୍ଥାନରେ ଯଦି ଖଣ୍ଡିଆ ହୋଇଯାଏ ତେବେ ସେଠାରୁ ଅନବରତ ରକ୍ତସ୍ରାବ ହୋଇଥାଏ ସମ୍ପୃକ୍ତ ବ୍ୟକ୍ତି ଯଦି ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି ତେବେ ତାଙ୍କ ରକ୍ତ ଜମାଟ ବାନ୍ଧେ ନାହିଁ। ସଂପ୍ରତି ସମାଜରେ ଏହାର ଭୟାବହତା ଦେଖା ଦେଇଥିବାବେଳେ ଜନସଚେତନତାକୁ ଗୁରୁତ୍ୱ ଦିଆଯାଇଛି। ଶିକ୍ଷିତ ବ୍ୟକ୍ତିମାନେ ଏ ବିଷୟରେ ଅଳ୍ପ ବହୁତ ଜାଣିଥିବାବେଳେ ଅନେକ ଏହାର କାରଣ ଓ ସଚେତନତା ସମ୍ପର୍କରେ ଜାଣିନଥାନ୍ତି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସଂପ୍ରତି ଏହାର ଦୃଢ଼ ମୁକାବିଲା ପାଇଁ ସଚେତନତା ସହ ରାଜ୍ୟର ବଡ଼ଡାକ୍ତରଖାନା, ଜିଲ୍ଲା ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା ନିରୀକ୍ଷା ଓ ମାଗଣା ଔଷଧ ପ୍ରଦାନର ପର୍ଯ୍ୟାପ୍ତ ବ୍ୟବସ୍ଥା ରଖିଛନ୍ତି। ଏ ରୋଗର ଶିକାର ହୋଇଥିବା ଜଣେ ରୋଗୀ ଏ ନେଇ କୌଣସି ଭୟଭୀତ ହେବାର କାରଣ ନାହିଁ। ପ୍ରଥମରୁ ହିଁ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏହା ପରବର୍ତ୍ତୀ ସମୟରେ ରୋଗଟି ଆୟତ୍ତାଧୀନ ହୋଇପାରିବ। ଚିକିତ୍ସାବେଳେ ରୋଗୀଟିକୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଏବଂ ସଫାସୁତୁରା ପରିବେଶରେ ରହିବା ପାଇଁ ପରାମର୍ଶ ଦିଅନ୍ତୁ। ଠିକ୍ ସମୟରେ ବିଶେଷଜ୍ଞଙ୍କ ପରାମର୍ଶରେ ଔଷଧ ଖାଇବା ସହ ବିଶ୍ରାମ ନେଲେ ହେମୋଫିଲିଆକୁ ନେଇ ଆଉ କୌଣସି ଡର ରହିବ ନାହିଁ।



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

## ଉନ୍ନୟନମୂଳକ କାର୍ଯ୍ୟରେ ମହାଘୋଟାଲା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପଞ୍ଚାୟତବାସୀଙ୍କ ଧାରଣା

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଧୂମାତ ଗ୍ରାମପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମହାଘୋଟାଲା ହୋଇଥିବା ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ସେହି ଦୁର୍ନୀତିରେ ସଂପୃକ୍ତ ସରପଞ୍ଚ ଓ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି ଯେ ଧୂମାତ ମୌଜାର ଖାତା ନମ୍ବର ୭୬୭ ପ୍ଲଟ ନମ୍ବର - ୧୫୮୪, ୩୦୮୮, ୩୦୮୯ ଓ ୩୦୯୦ରେ ଥିବା ଏକମାତ୍ର ଗୋଚର ଜମିରେ କେନ୍ଦ୍ରାପଡା ତହସିଲଦାରଙ୍କ ବିନା ଅନୁମତିରେ ପୋଖରୀ ଖୋଳି ସେହି ମାଟି ବିକ୍ରୀ କରିବା ସହିତ ନିଜ ଡିହବାଡିରେ ପକାଇଛନ୍ତି। ଏହାଦ୍ୱାରା ଧୂମାତ ସମେତ ନିକଟସ୍ଥ ଇନ୍ଦୁପୁର, ଚାରିଗାଁ ପ୍ରଭୃତି ଗ୍ରାମର ଗୃହପାଳିତ ପଶୁମାନଙ୍କ ପାଇଁ ଚାରଣ ଭୂମିର ଅଭାବ ଯୋଗୁଁ ଖାଦ୍ୟାଭାବ ସୃଷ୍ଟି ହେବା ସହିତ ନିକଟସ୍ଥ ଘେରିବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି । ଏଥିସହିତ ପଞ୍ଚାୟତ ଆଲୋକୀକରଣ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏତଦବ୍ୟତିତ ସେହି ପଞ୍ଚାୟତର କମାରଦଣ୍ଡା କେନାଲରୁ ନୂଆସାହି ରାସ୍ତାରେ ମାଟିକାମ ସହ ମୋଟାଲମୋରମ କାର୍ଯ୍ୟ ନିମନ୍ତେ ଏକ ମନରେଗା ପ୍ରକଳ୍ପ ଗତ ୨୦୨୦ମସିହା ସେପ୍ଟେମ୍ବର ମାସ ୯ତାରିଖରେ ଆରମ୍ଭ ହୋଇଥିବା ବେଳେ ସେହି ତାରିଖରେ ମନରେଗା ପ୍ରକଳ୍ପରେ ନୂଆସାହି କେନାଲ ବନ୍ଧରୁ କମାରଦଣ୍ଡା ରାସ୍ତାରେ ମାଟି କାମ ସହ ମେଟାଲମୋରମ କାର୍ଯ୍ୟ ଆରମ୍ଭ କରାଯାଇଥିବା ଦର୍ଶାଯାଇଛି। ଯାହାଦ୍ୱାରା ଗୋଟିଏ ରାସ୍ତାର କାର୍ଯ୍ୟ ଦୁଇଥର କରାଯାଇ ସରକାରଙ୍କ ନୀତି ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଥିବା ଅଭିଯୋଗ ହୋଇଛି । ଏସବୁ ମହାଘୋଟାଲାର ପ୍ରତିବାଦରେ ଧୂମାତ ପଞ୍ଚାୟତବାସୀଙ୍କ ପକ୍ଷରୁ ଦେବଦତ୍ତ ଜେନା, ପ୍ରକାଶ ଦାସ, ଦେବାଶିଷ ସ୍ୱାଇଁ, ଭବାନି ପ୍ରସାଦ ସ୍ୱାଇଁ, ଶିବାଜୀ ସ୍ୱାଇଁ, ସୁବାଷ ସ୍ୱାଇଁ, ଅଶୋକ ଜେନା, ଅନନ୍ତ କୁମାର ଦାସ, ଅକ୍ଷୟ କୁମାର ଦାସ, ମଧୁସୁଦନ ମଳିକ,ଶୁକାନ୍ତ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଥିବା ଦେଖାଯାଇଥିଲା ।

## ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜନଶକ୍ତି ପାର୍ଟିର ଆନ୍ଦୋଳନ



କେନ୍ଦ୍ରାପଡା (ପିଏନ୍): ଆଜିବି ଜିଲ୍ଲାର ବହୁ ଅଞ୍ଚଳ ଦୁର୍ଗମ ହୋଇ ରହିଛି । ଜରୁରୀ, ଦୂର୍ଘଟଣା କ୍ଷେତ୍ରରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଆବଶ୍ୟକ କରୁଥିବା ବ୍ୟକ୍ତି ପ୍ରଥମେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେବା ପରେ ପରବର୍ତ୍ତି ସମୟରେ ଉନ୍ନତ ଚିକିତ୍ସା ନିମନ୍ତେ କଟକ କିମ୍ବା ଭୁବନେଶ୍ୱର କୁ ଯାଇଥାଏ । କିନ୍ତୁ ଅନେକ ସମୟରେ ସେଠାରେ ପହଁଚିବା ବେଳକୁ ରୋଗୀଟିର ମୃତ୍ୟୁ ହୋଇଯାଇଥାଏ। ଦିନମଜୁରିଆ ତଥା ଅଭାବି ଲୋକଟି ତାର ସମ୍ପର୍କୀୟ ରୋଗୀଟିକୁ କେନ୍ଦ୍ରାପଡା ବାହାରେ ଜରୁରୀ ଚିକିତ୍ସା କରିବାକୁ ଯାଇ ଜମି ସୁନା ବିକ୍ରୀକରି ସର୍ବଶାନ୍ତ ହୋଇଥାଏ। ଜିଲ୍ଲାବାସୀଙ୍କ ଅନେକ ଦିନର ସ୍ୱପ୍ନ ଉନ୍ନତମାନର ସ୍ୱାସ୍ଥ୍ୟସେବା ସହ ମେଡିକାଲ କଲେଜ ପ୍ରତିଷ୍ଠା ପୂର୍ବ ଭଳି ସ୍ୱପ୍ନ ହୋଇରହିଯାଇଛି। ଦୀର୍ଘ ୫୦ବର୍ଷ ଧରି ସ୍ୱର୍ଗତ ବିଜୁବାବୁଙ୍କ ହସ୍ତମୁଦି ମହଲା ହୋଇଥିବା କେନ୍ଦ୍ରାପଡା ଆଜି ସବୁ ସୁବିଧା ସୁଯୋଗରୁ ବାଦ ପଡିଛି। ଜନଶକ୍ତି ପାର୍ଟି ଦୀର୍ଘଦିନ ଧରି ଗଣଧାରଣା, ସ୍ମାରକପତ୍ର ପ୍ରଦାନ, ବିଭିନ୍ନ ମହାପୁରୁଷଙ୍କ ମୂର୍ତ୍ତି ନିକଟରେ ଅନଶନ କରିବା ପରେ ପ୍ଲାକାର୍ଡ ଶୋଭାଯାତ୍ରା କରି ଜିଲ୍ଲାବାସୀଙ୍କ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ହାସଲ ପାଇଁ ଜୋରଦାର ପ୍ରୟାସ ଜାରି ରଖିଛି। ଦଳର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ନେତୃତ୍ୱରେ ସେକ କଦିର, ସେକ ସଲାମ, ସେକ ଜାକିର, ସେକ ଇସୁପ, ସେକ ସୋଲତା, ହବି ବୁଦ୍ଦିନ, ଜିଲ୍ଲା ଯୁବ ସଭାପତି ଦୁଷ୍ମନ୍ତ ଦାସ, ଅବନି କୁମାର ଦାସ, ବସନ୍ତ ବାରିକ, ସନାତନ ସେଠୀ, ଶ୍ରମିକ ସଭାପତି ରମେଶ ଥାଟୋଇ, ପ୍ରଫେସର ସୂର୍ଯ୍ୟମଣୀ ପଣ୍ଡା, ବିବେକ ନାୟକ ପ୍ରମୁଖ ମେଡିକାଲ କଲେଜ ପ୍ରତିଷ୍ଠା ଆନ୍ଦୋଳନକୁ ଜାରି ରଖିଛନ୍ତି ।

# କଟକଠାରେ ସିଲଭର୍ ସିଟି ବୋଟ୍ କ୍ଲବ ପର୍ଯ୍ୟଟକମାନଙ୍କ ପାଇଁ ଲୋକାର୍ପିତ



କଟକ (ପିଏନ୍): ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କଟକର ସିଲଭର ସିଟି ବୋଟ କ୍ଲବକୁ ଏକ ଭର୍ଚୁଆଲ ପ୍ଲାଟଫର୍ମରେ ଲୋକାର୍ପିତ କରିଛନ୍ତି। ମାନ୍ୟବର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ; ମାନ୍ୟବର ସାଂସଦ (ଲୋକସଭା) ଶ୍ରୀ ଭର୍ତ୍ତୃହରୀ ମହତାବ; ମାନ୍ୟବର ସାଂସଦ (ରାଜ୍ୟସଭା) ଶ୍ରୀ ସୁବାସ ସିଂହ; ମାନ୍ୟବର ବିଧାୟକ ଶ୍ରୀ ସୌଭିକ୍ ବିଶ୍ୱାଳ; ପୂର୍ବତନ ବିଧାୟକ ଶ୍ରୀ ଦେବାଶିସ ସାମନ୍ତରାୟ; ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଲ କୁମାର ଦେବ; ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷା ଶ୍ରୀମତୀ ଶ୍ରୀମୟୀ ମିଶ୍ର; ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ ଏବଂ କଟକର ଜିଲ୍ଲାପାଳ ଶ୍ରୀ ଭବାନୀ ଶଙ୍କର ଚୟିନି ଏହି ସମାରୋହରେ ଉପସ୍ଥିତ ଥିଲେ। ମହାନଦୀ ଜଳଭିତ୍ତିକ ମନୋରଂଜନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଉକ୍ତ ବୋଟ କ୍ଲବ୍‌ଟି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ମାଧ୍ୟମରେ ଓଡିଶା ପର୍ଯ୍ୟଟନ ସହାୟତାରେ ୨ କୋଟି ଟଙ୍କା ବିନିଯୋଗରେ ନବୀକରଣ କରାଯାଇଅଛି। ମୁଖ୍ୟମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି, ''ଜଳରାଶି ଅନ୍ତର୍ଭୁକ୍ତ ରାଜ୍ୟର ପର୍ଯ୍ୟଟନ ସମ୍ଭାବନାକୁ ସଂଯୋଗ କରିବା ପାଇଁ ଆମେ ଚିହ୍ନଟ କରିଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକର ଭିତ୍ତିଭୂମିର ବିକାଶ କରୁଛୁ । ମହାନଦୀର ଏହି ମନୋଜ୍ଞ ପରିବେଶରେ ମନୋରଂଜନ ଓ ଦୁଃସାହସିକ ଜଳକ୍ରୀଡ଼ାଭିତ୍ତିକ ପର୍ଯ୍ୟଟନ ହବ୍ ପ୍ରତିଷ୍ଠା କରିବାରେ ସହାୟତା କରିବ।'' ସାଇକ୍ଲୋନ୍ ଫନି ଦ୍ୱାରା ପ୍ରତିକୂଳ ପ୍ରଭାବିତ ଏହି ବୋଟ କ୍ଲବରେ ଭିତ୍ତିଭୂମି ଏକ ଫ୍ଲୋଟିଂ ଜେଟି, ଲାଇଫଗାର୍ଡ, ଟଏଲେଟ୍ କମ୍ପ୍ଲେକ୍ସ, ରେଷ୍ଟୁରାଣ୍ଟ ଏବଂ ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ ଏବଂ ପିଲାମାନଙ୍କ ଖେଳ ପଡ଼ିଆ ସହିତ ଏକ ପାର୍କ ଅନ୍ତର୍ଭୁକ୍ତ କରିବା ପାଇଁ ନବୀକରଣ କରାଯାଇଛି। ଅତିରିକ୍ତ ଭାସମାନ ଜେଟି ଯୋଡିବା ପାଇଁ ଭିତ୍ତିଭୂମି ପର୍ଯ୍ୟାୟକ୍ରମେ ଆହୁରି ବୃଦ୍ଧି କରାଯିବ। ବୋଟ କ୍ଲବରେ କାର୍ଯ୍ୟକ୍ଷମ ହେବାକୁ ଥିବା କାର୍ଯ୍ୟକଳାପରେ ଜେଟ ସ୍କି, ସ୍ପିଡ୍ ବୋଟ, ଡେ କ୍ରୁଜ୍, ବାନାନା ବୋଟ, ଇନଫ୍ଲେଟେବୁଲ୍ ବୋଟ୍, ୱାଟର ସ୍କୁଟର, ଫ୍ଲୋଟିଂ କାଫେ, କାୟାକିଂ, କାନୋଇଙ୍ଗ, ପେଡାଲ୍ ବୋଟ୍, ସ୍କୁବା ଡାଇଭିଂ ଇତ୍ୟାଦି ଅନ୍ତର୍ଭୁକ୍ତ। ଉକ୍ତ ବୋଟ କ୍ଲବରେ ଅପରେଟରମାନଙ୍କୁ ସାଧାରଣ ଭିତ୍ତିଭୂମି ଏବଂ ଉପଭୋକ୍ତା ଫି ମଡେଲରେ ପରିଚାଳନା କରିବାକୁ ଅନୁମତି ଦିଆଯିବ। ମାନ୍ୟବର ସାଂସଦ (ରାଜ୍ୟସଭା) ଶ୍ରୀ ସୁବାସ ସିଂ ସିଲଭର ସିଟି କ୍ଲବରେ ରାତି ରହଣି ପାଇଁ ଅତିରିକ୍ତ ଗୃହ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ବିଭିନ୍ନ କୋଣରୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ। ରାଜ୍ୟର ସୁବର୍ଣ୍ଣ ତ୍ରିଭୁଜରେ କଟକ ସହରକୁ ସଂଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି ଯାହା ପର୍ଯ୍ୟଟକଙ୍କୁ କଟକ ଭ୍ରମଣର ସୁଯୋଗ ସୃଷ୍ଟି କରିବ। ସମାବେଶକୁ ସମ୍ବୋଧିତ କରି ମାନ୍ୟବର ସାଂସଦ (ଲୋକସଭା) ଶ୍ରୀ ଭର୍ତ୍ତୃହରୀ ମହତାବ ସାମୁଦ୍ରିକ ସଂଗ୍ରହାଳୟକୁ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଅନ୍ତର୍ଭୁକ୍ତ କରିବା ଏବଂ ନିକଟସ୍ଥ ଅନ୍ୟ ପର୍ଯ୍ୟଟନ ସ୍ଥାନଗୁଡ଼ିକର ସମ୍ଭାବନାକୁ ଅନୁସନ୍ଧାନ କରି ଭିତ୍ତିଭୂମିର ବିକାଶ କରିବା ପାଇଁ ଅନୁରୋଧ କରିଥିଲେ । ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଲ କୁମାର ଦେବ ସମଗ୍ର ରାଜ୍ୟରେ ନିର୍ଦ୍ଦିଷ୍ଟ ପର୍ଯ୍ୟଟନ ସ୍ଥଳୀର ବିକାଶ ରଣନୀତି ବିଷୟରେ ଉଲ୍ଲେଖ କରିଥିଲେ । ସମାବେଶକୁ ସମ୍ବୋଧିତ କରି ମାନ୍ୟବର ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ପାଣିଗ୍ରାହି କହିଥିଲେ ଯେ ଏହି ପ୍ରକଳ୍ପ ମୌଳିକ ଭିତ୍ତିଭୂମି ସହିତ ଏକାଧିକ ଜଳକ୍ରୀଡ଼ା ଅପରେଟରଙ୍କୁ ସମର୍ଥନ କରିବ ଏବଂ କଟକ ତଥା ନିକଟବର୍ତ୍ତୀ ଜିଲ୍ଲାମାନଙ୍କରେ ଜଳଭିତ୍ତିକ ପର୍ଯ୍ୟଟନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ଏହା ତିଆରି ହୋଇଛି। ଅଦ୍ୟାବଧି ଦୁଇଗୋଟି ଅପରେଟର ଜଳକ୍ରୀଡ଼ା କରିବା ପାଇଁ ସ୍ଥିରିକୃତ କରାଯାଇଛି ଏବଂ ପରବର୍ତ୍ତୀ ସମୟରେ ଅଧିକ ଅପରେଟରଙ୍କୁ ନିୟୋଜନ କରିବା ପାଇଁ ପଦକ୍ଷେପ ନିଆଯାଉଅଛି।

## ବୀରମିତ୍ରପୁରରେ ହିନ୍ଦୁ ନବବର୍ଷ ପାଳନ

ବୀରମିତ୍ରପୁର (ପିଏନ୍): ଚୈତ ଶୁକ୍ଳ ପ୍ରତିପଦା ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ ବୀରମିତ୍ରପୁରଠାରେ ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ହିନ୍ଦୁ ନବବର୍ଷ ପାଳନ କରାଯାଇଥିଲା। ସ୍ୱୟଂସେବକ ମାନେ ଏଠାରେ ଆଦ୍ୟ ସରସଂଘଚାଳକ ପ୍ରଣାମ କରିବା ସହ ଉତ୍ସବ ଆରମ୍ଭ ହୋଇଥିଲା। ଏହାପରେ ବକ୍ତା ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ କାହିଁକି ପାଳନ କରୁଛେ ସେ ବିଷୟରେ ମତବ୍ୟକ୍ତ କରିଥିଲେ ।

## ସାମାଜିକ ସମରସତା ମଂଚ ତରଫରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ଭୁବନେଶ୍ୱର (ପିଏନ୍): ସାମାଜିକ ସମରସତା ମଂଚ, ଭୁବନେଶ୍ୱର ମହାନଗର ତରଫରୁ ସ୍ଥାନୀୟ ଏଜି ଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି ଅବସରରେ ସମିତି ତରଫରୁ ମହାନ ଜନନାୟକ ସାମାଜିକ ସମରସତାର ପ୍ରବକ୍ତା ଭାରତ ରତ୍ନ ଡ.ଭୀମରାଓ ରାମୋଜୀ ରାଓ ଆମ୍ବେଦକରଙ୍କ ୧୪୧ ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି । କଳିଙ୍ଗ ନଗର, ଖଣ୍ଡଗିରି ଠାରେ ଭୁବନେଶ୍ୱର ମହାନଗର ନିଗମର ୨୮ ଜଣ ସଫେଇ କର୍ମଚାରୀଙ୍କୁ କୋଭିଡ ଯୋଦ୍ଧା ରୂପେ ସମ୍ମାନିତ କରାଯାଇଛି।

## ସର୍ବପୁରାତନ କେନ୍ଦ୍ରାପଡା ସରକାରୀ ହାଇସ୍କୁଲର ଆଧୁନିକୀକରଣ ହେବ




କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ସର୍ବପୁରାତନ କେନ୍ଦ୍ରାପଡା ସରକାରୀ ହାଇସ୍କୁଲର ଆଧୁନିକିକରଣ କରାଯିବ। ଜିଲ୍ଲାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରତିଛବିକୁ ବହନ କରୁଥିବା ଏହି ହାଇସ୍କୁଲର ଶ୍ରେଣୀ ଗୃହ ଗୁଡିକୁ ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମାଣ କରାଯାଇ ଜିଲ୍ଲାର ଏକ ଶ୍ରେଷ୍ଠ ମଡେଲ ସ୍କୁଲରେ ପରିଣତ କରାଯିବ। ରାଜ୍ୟ ସରକାରଙ୍କ ପ୍ରଣିତ ଯୋଜନା ଅନୁଯାଇ ଗୋଟିଏ ପବ୍ଲିକ ସ୍କୁଲର ସମସ୍ତ ସୁବିଧା ସୁଯୋଗ ଏଠାରେ ସ୍କୁଲର ଛାତ୍ର ଛାତ୍ରୀ ମାନଙ୍କୁ ଯୋଗାଇ ଦିଆଯିବ ବୋଲି କେନ୍ଦ୍ରାପଡା ସରକାରୀ ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଥିବା କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି। ଏହି ସ୍କୁଲକୁ ଶ୍ରେଷ୍ଠ ଓ ଆଦର୍ଶ ସ୍କୁଲ ଭାବେ ଗଢିତୋଳିବାକୁ ଏବଂ ସ୍ମାର୍ଟ କ୍ଲାସ ରୁମର ସୁବିଧା ଯୋଗାଇ ଦେବା ନିମନ୍ତେ ଆବଶ୍ୟକ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ବିଧାୟକ ଶ୍ରୀ ବେହେରା। ଏହି ଅବସରରେ ରାଜ୍ୟର ୨ ଜଣ ଶ୍ରେଷ୍ଠ ଆର୍କିଟେକ୍‌ଙ୍କୁ ଭୁବନେଶ୍ୱରରୁ ଏଠାକୁ ଆଣି କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ପରିସର ସେମାନଙ୍କୁ ବୁଲାଇ ଦେଖାଇବା ସହ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି କିପରି ଏକ ସୁନ୍ଦର ମଡେଲ ସ୍କୁଲ ଗୃହ ନିର୍ମାଣ କରାଯାଇପାରିବ ସେଥିନିମନ୍ତେ ମଡେଲ ପ୍ରସ୍ତୁତି କରିବା ପାଇଁ ସେମାନଙ୍କ ସହ ଆଲୋଚନା କରିଛନ୍ତି ବିଧାୟକ ଶ୍ରୀ ବେହେରା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ମହାନ୍ତି, ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷ ଡା. ବିଶ୍ୱପ୍ରକାଶ କାନୁନଗୋ, ସ୍କୁଲର ପ୍ରଧାନଶିକ୍ଷକ ଉପେନ୍ଦ୍ରନାଥ ସ୍ୱାଇଁ, ପୁରାତନ ଛାତ୍ରସଂସଦ ସଭାପତି ତ୍ରୈଲୋକ୍ୟନାଥ ସ୍ୱାଇଁ, ସମ୍ପାଦକ ସଂଜୟ କୁମାର ଜେନା, ଉପସଭାପତି ମହମ୍ମଦ ଜାହିଦ ଖାନ, ଚିତରଂଜନ ଭଗତ, ହେମନ୍ତ କୁମାର ଜେନା, ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ସତ୍ୟବ୍ରତ ସିଂ, ହାଡିବନ୍ଧୁ ସିଂ, ମଙ୍ଗଳ ବରଣ ସିଂ, ମହମ୍ମଦ ନଇମ, ନିରଞ୍ଜନ ବଳ, ମାନସ ରଂଜନ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡିଶାରେ ଆରମ୍ଭ ହେଲା "ଭୂମି ସୁପୋଷଣ ଓ ସଂରକ୍ଷଣ" ଅଭିଯାନ



ଭୁବନେଶ୍ୱର (ପିଏନ୍): କୃଷି ପ୍ରଧାନ ଦେଶ ଭାରତବର୍ଷର କୃଷି ଜମିକୁ ରାସାୟନିକ ସାର ଓ ଔଷଧର ବିଷାକ୍ତ ପ୍ରଭାବରୁ ମୁକ୍ତ ସହ ସଂପୂର୍ଣ୍ଣ ସମାଜକୁ ସୁସ୍ଥ ଏବଂ ରୋଗମୁକ୍ତ କରିବା ପାଇଁ ଆଜି ଠାରୁ ଆରମ୍ଭ ହୋଇଛି "ଭୂମି ସୁପୋଷଣ ଓ ସଂରକ୍ଷଣ" ଅଭିଯାନ । ପୁରୀ, ଖୋର୍ଦ୍ଧା, କଟକର ପୂର୍ବକଚ୍ଛ, ବାଲେଶ୍ୱରର ବଡକିଆ, ଦୁର୍ଗାଦେବୀ, ଜଳେଶ୍ୱର, ଭୋଗରାଇ, ଭଦ୍ରକର ତିହିଡି, ବିନ୍ଧା, ଘଂଟେଶ୍ୱର, ମୟୁରଭଂଜର ହରିଶ୍ଚନ୍ଦ୍ରପୁର, ଓସ୍ତପୁର, ରାଇରଙ୍ଗପୁରର ଆହରବନ୍ଧ, ଢେଙ୍କାନାଳର କଂକଡାହାଡ, ଗଂଜାମର ପିତଳ ଆଦି ଓଡିଶାର ଅନେକ ସ୍ଥାନରେ ଏହି ଅଭିଯାନ ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଏହାର ଗତିବିଧି ଯଥା ଗ୍ରାମବିକାଶ, ଗୋସେବା, ପର୍ଯ୍ୟାବରଣ ଓ ଅନ୍ୟ ୪୦ ଟି ଆନୁସଙ୍ଗିକ ତଥା ସହଯୋଗୀ ଆଧାତ୍ମିକ ସଂଗଠନମାନଙ୍କ ଦ୍ୱାରା ଭୂମିର ସୁପୋଷଣ ତଥା ସଂରକ୍ଷଣ ପାଇଁ ଚୈତ୍ର ଶୁକ୍ଳ ପ୍ରତିପଦା ତଥା ଏପ୍ରିଲ୍ ୧୩ ତାରିଖ ଠାରୁ ଆରମ୍ଭ ହୋଇଥିବା "ଭୂମି ସୁପୋଷଣ ଓ ସଂରକ୍ଷଣ" ଅଭିଯାନ ରାଷ୍ଟ୍ରୀୟ ସ୍ତରରେ ଗୁରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। କିନ୍ତୁ ଓଡିଶାରେ ଏହି ଅଭିଯାନ ୧୭ ଜୁନ୍ ୨୦୨୧, ବସୁମତୀ ସ୍ନାନ ଦିବସ ପର୍ଯ୍ୟନ୍ତ ଚାଲିବ । ଏହି ସମୟ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ମାନ କରାଯିବ। "ଭୂମି ସୁପୋଷଣ ଓ ସଂରକ୍ଷଣ" ଅଭିଯାନକୁ ପରିଚାଳନା କରିବା ପାଇଁ ଭୁବନେଶ୍ୱର ସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତି ଠାରେ ଏକ ପ୍ରସ୍ତୁତି ବୈଠକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କ୍ଷେତ୍ର କାର୍ଯ୍ୟବାହ ଗୋପାଳ ପ୍ରସାଦ ମହାପାତ୍ର, କ୍ଷେତ୍ର ସେବାପ୍ରମୁଖ ଜଗଦୀଶ ପ୍ରସାଦ ଖାଡଙ୍ଗା, ପ୍ରାନ୍ତ ପ୍ରଚାରକ ବିପିନ ବିହାରୀ ନନ୍ଦଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଓଡିଶା ପୂର୍ବ ପ୍ରାନ୍ତର ୧୮ଟି ଜିଲ୍ଲାକୁ ନେଇ ଏକ ସଂଚାଳନ ସମିତି ଗଠନ କରାଯାଇଛି। ଏହି ସମିତିର ସଂଯୋଜକ ଭାବେ ଭାରତୀୟ କିଷାନ ସଂଘର ସାଧାରଣ ସଂପାଦକ ଜାନକୀ ବଲ୍ଲଭ ସ୍ୱାଇଁ ଓ ସହ ସଂଯୋଜକଭାବେ ସ୍ୱଦେଶୀ ଜାଗରଣ ମଂଚର ଆଶୁତୋଷ ମୁଖାର୍ଜୀ, ପ୍ରାନ୍ତ ଗ୍ରାମବିକାଶ ପ୍ରମୁଖ ଅବିନାଶ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ବୈଠକରେ ଆର୍ ଏସ୍ ଏସ୍ ର ସହପ୍ରାନ୍ତ କାର୍ଯ୍ୟବାହ, ସହପ୍ରାନ୍ତ ପ୍ରଚାରକ ସୃଷ୍ଟିଧର ବିଶ୍ୱାଳ, ସ୍ୱଦେଶୀ ଜାଗରଣ ମଂଚର ଅନ୍ନଦା ପ୍ରସନ୍ନ ପାଣିଗ୍ରାହୀ, ବନବାସୀ କଲ୍ୟାଣ ଆଶ୍ରମର ମହିରାମ ମହାନ୍ତ, ପତଞ୍ଜଳୀର ସ୍ୱୟଂ ପ୍ରକାଶଜୀ, ଏକଲ ବିଦ୍ୟାଳୟର ଚିନ୍ତାମଣୀ ସାହୁ, ପର୍ଯ୍ୟାବରଣର ବଳରାମ ଦାସ, ଗୋସେବାର ପ୍ରକାଶ ନାୟକ, ଶିକ୍ଷା ବିକାଶ ସମିତି, ସହକାର ଭାରତୀ, ଲଘୁ ଉଦ୍ୟୋଗ ଭାରତୀ, ଭାରତ ବିକାଶ ପରିଷଦ, ବିଶ୍ୱହିନ୍ଦୁ ପରିଷଦ, ଭାରତୀୟ କିଷାନ ସଂଘ, ଇତ୍ୟାଦି ସଂଗଠନର ୧୫୦ରୁ ଅଧିକ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ। ଅଭିଯାନରେ ଗ୍ରାମସ୍ତରରେ କୃଷକମାନେ ନିଜ ନିଜ ଜମିର ଭୂମି ସଂଗ୍ରହ କରି ଗୋଟିଏ ସ୍ଥାନରେ ଏକାଠି କରି ଏହାକୁ ପୂଜନ ସହ ରାସାୟନିକ ସାର ଓ ଔଷଧର ପ୍ରୟୋଗ ନକରିବାକୁ ସଂକଳ୍ପ ନେବେ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com




# ବଡ଼ସିଲିଙ୍ଗା ଗ୍ରାମପଞ୍ଚାୟତର ଗ୍ରାମବାସୀ ବିଦ୍ୟୁତ୍ ପାଇବାରୁ ବଞ୍ଚିତ !



ଗଣିଆ,(ମନୋରନ ମଳିକ) : କେନ୍ଦ୍ର ଓ ରାଜ୍ୟସରକାର ବିଦ୍ୟୁତ୍ ବିଭାଗ ମାଧ୍ୟମରେ ଗରୀବ ନିରିହ ଆଦିବାସୀ ଓ ଦଳିତ ସମାଜ ଲୋକମାନଙ୍କ ପାଇଁ ମାଗଣାରେ ବିଜୁ ଜ୍ୟୋତିଯୋଜନା ଓ ସୋଭାଗ୍ୟ ଯୋଜନାରେ ବିଦ୍ୟୁତ୍ ଯୋଗାଇଦେବା ପାଇଁ ବାହାବାହା ପିଟୁ ଥିବାବେଳେ ନୟାଗଡ଼ ଜିଲ୍ଲା ଗଣିଆବ୍ଲକ୍ର ବଡ଼ସିଲିଙ୍ଗା ଗ୍ରାମପଞ୍ଚାୟତର ଲୋକମାନଙ୍କ ପାଇଁ ସନ୍ଧ୍ୟାବେଳେ ଡିବି ଆଲୁଅକୁ ଭରଷାକରି ଚଳୁଛନ୍ତି। ଆଜକୁ ୨ବର୍ଷ ହେବ ଗୁପ୍ତା କମ୍ପାନୀ ବିଦ୍ୟୁତଖୁଣ୍ଟି ପୋତି ତାର ଟାଣିଥିଲେ ମଧ ଏହି ଅଞ୍ଚଳରଲୋକମାନେ ମାତ୍ର ଦୁଇଘଣ୍ଟା ପାଇଁ ବିଦ୍ୟୁତ୍ ଉପଭୋଗ କରି ପାରିଥିଲେ। ମାତ୍ର ବିଦ୍ୟୁତ୍ ତାରଗୁଡ଼ିକ ଖରାପ ଅବସ୍ଥାରେ ରହିଥିବା ଯୋଗୁଁ ଏହି ଅଞ୍ଚଳର ଲୋକମାନେ ବିଦ୍ୟୁତ୍ ପାଇବାରୁ ବଞ୍ଚିତ। ସେକେଟା ପଲ୍ଲୀ, ଡ଼ିପିସାହି, ଗେରେଗେଡ଼ି, ବାଙ୍କଝରୀ, ଡୁଇସିଙ୍ଗିସହିତ ଆହୁରି ଅନେକ ଗାଁ ରହିଛି ଯେଉଁଠାରେ ବିଦ୍ୟୁତ୍ ସେବା ଉପଲବ୍ଧ ନଥିବା ସେକେଟାପଲ୍ଲୀର ପ୍ରସନ୍ନଜାନୀ ଅଭିଯୋଗକରିଛନ୍ତି। ଜଙ୍ଗଲି ଅଞ୍ଚଳ ହୋଇଥିବାରୁ ରାତିରେ ଲୋକମାନେ ଯିବା ଆସିବା କରିପାରୁ ନଥିବାବେଳେ ଛାତଛାତ୍ରୀମାନେ ଅନଲାଇନ୍ରେ ପାଠ ପଢ଼ିବା ପାଇଁ ନାହିଁ ନଥିବା ଅସୁବିଧା ଭୋଗକରୁଛନ୍ତି। ବଡ଼ସିଲିଙ୍ଗା ଗ୍ରାମପଞ୍ଚାୟତ ଏରିଆ ମଧ୍ୟରେ ଥିବା ସରକାରୀ ସଂସ୍ଥାଗୁଡ଼ିକରେ ବିଦ୍ୟୁତ୍ ନଥିବାର କୌଣସି ଅନ୍ଲାଇନ୍ କାର୍ଯ୍ୟ ହୋଇ ପାରୁନାହିଁ। ଏହିକାରଣରୁ ଏହି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ବିଧାୟକ, ବ୍ଲକଚେୟାନମାନ ତଥା ଏହି ବିଭାଗୀୟ ଅଧିକାରୀମାନଙ୍କୁ ଆପତି କଲେ ମଧ ଏହାର କୌଣସି ସୁଫଳ ମିଳୁନାହିଁ ବୋଲି ସରପଞ୍ଚ ପୁଷ୍ପଲତା ସାହୁ ଅଭିଯୋଗ କରିଛନ୍ତି। ଏଣୁ ତୁରନ୍ତ ଏହି ଅଞ୍ଚଳକୁ ବିଦ୍ୟୁତ ଯୋଗାଇ ଦେବା ପାଇଁ ଏହି ଅଞ୍ଚଳ ଜନସାଧାରଣ ଦାବି କରିଛନ୍ତି।

## ଉର୍ମାଗଡ ଜଳପ୍ରପାତରେ ବୁଡି ଜଣେ ମୃତ:ସେଲଫି ନେଲା ଜୀବନ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ କଟ୍ରିଙ୍ଗିଆ ପଂଚାୟତ ଉର୍ମାଗଡ ଜଳପ୍ରପାତରେ ଜଣେ ଯୁବକଙ୍କ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି । ସୁଚନା ଅନୁସାରେ ଫିରିଙ୍ଗିଆ ଅଂଚଳର ୩ଜଣ ସାଙ୍ଗ ଉର୍ମାଗଡ ଜଳପ୍ରପାତ ବୁଲିବାକୁ ଆସିଥିଲେ । ସେଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ଫୋଟ ଓ ଚିକ୍କଣିଆ ପଥରରେ ସୁର୍ଯ୍ୟକାନ୍ତ ପଣ୍ଡା(୨୦)ଙ୍କ ଗୋଡ ଖସିଯିବା ଫଳରେ ପାଣିରେ ବୁଡିଯାଇଥିଲେ । ଅନ୍ୟ ଯୁବକ ମାନଙ୍କ ସହ ଗ୍ରାମବାସୀ ମିଶି ଖୋଜା ଖୋଜି କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଖବର ପାଇ ଫୁଲବାଣୀ ଅଗ୍ନିଶ୍ରମ କର୍ମଚାରୀ ଏଲ.ଏଫ.ଏମ ଚିତରଞ୍ଜନ ସାହୁ,ଅରୁଣ କୁମାର ପ୍ରଧାନ ଓ ରଞ୍ଜନ କୁମାର ଦାସ ଓ ଟିମ ହ୍ୟୁମାନିଟି କନ୍ଧମାଳର ଆବାହକ ଭି.ଲୋକନାଥ ରାଜୁଙ୍କ ନେତୃତ୍ୱରେ ଟିମର ସଦସ୍ୟ ମାନସ ପୃଷ୍ଟି ଏବଂ ବିକାଶ ନାୟକ ପ୍ରମୁଖ ଉର୍ମାଗଡ ଜଳପ୍ରପାତ ନିକଟରେ ପହଂଚି ବହୁ ଖୋଜାଖୋଜି କରିବା ପରେ ୧୨ଫୁଟ ଗଭୀର ଜଳ ଭିତରୁ ସୂର୍ଯ୍ୟକାନ୍ତଙ୍କ ମୃତଦେହ ଉଦ୍ଧାର କରିଥିଲେ।

# ଓଡ଼ିଶାରେ ଅଧିକରୁ ଅଧିକ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପଦକ୍ଷେପ

ଭୁବନେଶ୍ୱର: ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଅଧିକରୁ ଅଧିକ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପି.ଏମ୍.ଏଫ୍.ଏମ୍.ଇ. ରାଜ୍ୟ କୋରଗ୍ରୁପ୍ ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି । ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକ ପ୍ରାରମ୍ଭରେ ଆଇଏମ୍ଇଡିଏଫ୍ ର ସତ୍ୱାଧିକାରୀ ରମଣ ଥାପର ମୟୂରଭଞ୍ଜ ଜିଲ୍ଲାର ମୋହନପୁର ମ୍ୟାଜିକ୍ ମିଲେଟ୍ କ୍ଲଷ୍ଟରର ଏକ ରିପୋର୍ଟ ଉପସ୍ଥାପନ କରିଥିଲେ । ପ୍ରକଳ୍ପଟିରେ ୪୩୦.୫୭ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିବାବେଳେ ସମୁଦାୟ ୯୮୦ ଚାଷୀ (ମହିଳା ୩୪୫ ଓ ପୁରୁଷ ୬୩୫) ଉପକୃତ ହୋଇପାରିବେ ବୋଲି ପ୍ରାରମ୍ଭିକ ଭାବେ ଆକଳନ କରାଯାଇଛି । ମକାରୁ ପ୍ରସ୍ତୁତ ପପ୍‌କର୍ଣ୍ଣ, ମିକ୍ସର, ମଇଦା ଇତ୍ୟାଦି ଆକର୍ଷଣୀୟ ପ୍ୟାକେଟ୍ରେବିଭିନ୍ନ ଖାଦ୍ୟଦ୍ରବ୍ୟ ବଜାରକୁ ଆସୁଥିବା ଜଣାପଡ଼ିଛି। ପ୍ରମୁଖ ସଚିବ ଶ୍ରୀ ସାହୁ ମକାରୁ ଉତ୍ପାଦିତ ବିଭିନ୍ନ କ୍ଷୁଦ୍ର ଉଦ୍ୟୋଗ କ୍ଲଷ୍ଟର ନୂଆପଡ଼ା, ମାଲ କାନ ଗିରି ଓ ନବରଙ୍ଗପୁର ରେ ପ୍ରତିଷ୍ଠା କରିବା ପାଇଁ ଆପିକ ଲ ର ପରିଚାଳନା ନିର୍ଦ୍ଦେଶକ ପ୍ରଭାତ କୁମାର ରାଉଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉତ୍ପାଦିତ ଦ୍ରବ୍ୟର ଦେଶ ଓ ଦେଶ ବାହାରେ ମାର୍କେଟିଂ କରିବା ପାଇଁ ସେ ଗ୍ରୋଜିପ୍ ମାର୍କେଟିଂ ସଂସ୍ଥାର ।ନନ୍ଦ କୁମାର ମିଶ୍ରଙ୍କୁ ସହଯୋଗ ପାଇଁ କହିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଡ. ସନତ ମିଶ୍ରଙ୍କୁ ଏଥିରେ ସଂପୂର୍ଣ୍ଣ ସହଯୋଗ କରିବାକୁ ମଧ ପ୍ରମୁଖ ସଚିବ ପରାମର୍ଶ ଦେଥିଲେ ।ଢେଙ୍କାନାଳ ଜିଲ୍ଲାରେ ଚନ୍ଦ୍ରଶେଖରପୁର ଚିନାବାଦାମ କ୍ଲଷ୍ଟର ୪୩୫.୧୭ ଲକ୍ଷ ଟଙ୍କା ବିନିଯୋଗରେ ପ୍ରତିଷ୍ଠା କରାଯାଇଛି । ଏଥିରେ ୭୭୦ ମହିଳା ଓ ୪୭୬ ପୁରୁଷ ସେଥିରେ ସାମିଲ ହୋଇପାରିଛନ୍ତି । ଚିନାବାଦାମରୁ ଉତ୍ପାଦିତ ବିଭିନ୍ନ ଖାଦ୍ୟଦ୍ରବ୍ୟ ଆକର୍ଷଣୀୟ ପ୍ୟାକେଜ୍ ?ରେ ବଜାରକୁ ଛଡ଼ାଯାଉଥିବା ଆଲୋଚନାରୁ ଜଣାପଡ଼ିଛି । ସେହିପରି ଗଜପତି ଜିଲ୍ଲାର ୪୪୦.୩୧ ଲକ୍ଷ ଟଙ୍କାରେ ପ୍ରତିଷ୍ଠିତ ପ୍ରକଳ୍ପ ଛେଳିଗଡ଼ ମେଜ୍? କ୍ଲଷ୍ଟରରେ ୭୨୯ ମହିଳା ଓ ୧୯୬ ପୁରୁଷ ଚାଷୀ ଉପକୃତ ହୋଇଛନ୍ତି । ମଣିପୁର ରାଜ୍ୟର କାଙ୍ଗତାକପି ସପୁରୀ କ୍ଲଷ୍ଟର ଭଳି ଓଡ଼ିଶାର ରାୟଗଡ଼ା ଜିଲ୍ଲାର ଚାଟିକଣା ଏବଂ ଗଜପତି ଜିଲ୍ଲାରେ ପ୍ରତିଷ୍ଠା କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ସେହିପରି ରାଜସ୍ଥାନର ଫଳ ଓ ପରିବା କ୍ଲଷ୍ଟର, ନାଗାଲାଣ୍ଡର ଆଗ୍ରୋ ବିଜନେସ୍ କ୍ଲଷ୍ଟର, କର୍ଣ୍ଣାଟକର ବି.ଆର. ହିଲ୍ସ ୱାଇଲରୁ ବି. ହନି କ୍ଲଷ୍ଟର, ବିଶାଖାପାଟଣାର କଫି କ୍ଲଷ୍ଟର, ଉତରପ୍ରଦେଶର ମେଡିସିନାଲ୍ ପ୍ଲାଂଟ କ୍ଲଷ୍ଟର ସଂପର୍କରେ ଆଇଏମ୍ଇଡିଏଫ୍ ପକ୍ଷରୁ ଆଲୋକ-ଚିତ୍ର ମାଧ୍ୟମରେ ଉପସ୍ଥାପନ କରି ସମସ୍ତ ଗୋଷ୍ଠୀ ସଦସ୍ୟସଦସ୍ୟାଙ୍କୁ ସଚେତନ କରାଯାଇଥିଲା। ଏଥି ସହିତ କଟକ ଜିଲ୍ଲାର ବାଙ୍କୀ ଲେମନ୍ ଗ୍ରାସ୍ କ୍ଲଷ୍ଟରରୁ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ହସ୍ତିକା ଉଦ୍ୟୋଗର ବିଶ୍ୱଜିତ୍ ସ୍ୱାଇଁ କଦଳୀ ଗଛର ବିଭିନ୍ନ ଅଂଶରୁ ଉତ୍ପାଦିତ ବ୍ୟାଗ୍, ମ୍ୟାଟ୍ ଇତ୍ୟାଦି ଅନ୍ଲାଇନ୍ ରେ ପ୍ରଦର୍ଶନ କରିବା ସହ ବିଦେଶରେ ଏହି ଦ୍ରବ୍ୟଗୁଡ଼ିକର ବଜାର ଚାହିଦା ଅଧିକ ଥିବା ପ୍ରକାଶ କରିଥିଲେ । ପିପିଲି ନିକଟ ମୁଖ୍ୟ ରାସ୍ତାରେ ଏହି ଉଦ୍ୟୋଗ ପ୍ରତିଷ୍ଠା କରାଯାଇଛି। ୨୦୧୮ ମସିହାରେ ଆରମ୍ଭ କରାଯାଇଥିବା ହସ୍ତିକା ହ୍ୟାଣ୍ଡିକ୍ରାଫଫରୁ ଏହି ଉଦ୍ୟୋଗ ବ୍ରାଣ୍ଡ ଅଫ୍ ଓଡ଼ିଶା ସମ୍ମାନରେ ସମ୍ମାନିତ । ସେହିପରି ଜୟଦେବ ବାନାନା କ୍ଲଷ୍ଟର କଦଳୀ ଗଛରୁ ଉତ୍ପାଦିତ ଆଚାର, ପାମ୍ପଡ, ଦଉଡ଼ି, ଆସନ, ଖତ ସଂପର୍କରେ ଅଲୋକପାତ କରାଯାଇଥିଲା । ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ଲିଙ୍ଗରାଜ ନାୟକଙ୍କୁ ସମସ୍ତ ଉଦ୍ୟୋଗର ସ୍ଥିତାବସ୍ଥା ବଜାୟ ରଖିବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲାମ୍, ମତ୍ସ୍ୟ ଓ ପ୍ରାଣୀପାଳନ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ, କୃଷି ନିର୍ଦ୍ଦେଶାଳୟର ରାମଚନ୍ଦ୍ର ପଟ୍ଟନାୟକ, ନବକିଶୋର ପରିଡ଼ାଙ୍କ ସମେତ ସଂପୃକ୍ତ ବିଭାଗଗୁଡ଼ିକର ନିର୍ଦ୍ଦେଶକ ଓ ଅଧିକାରୀଗଣ ଅନ୍ଲାଇନ୍ ଯୋଗେ ବୈଠକରେ ଅଂଶଗ୍ରହଣ କରିଥିଲେ।

## ଚିହ୍ନଟ ହେଲେ ୧୩୫ କରୋନା ଆକ୍ରାନ୍ତ

ଭଦ୍ରକ: ଭଦ୍ରକ ଜିଲ୍ଲାରୁ ଚିହ୍ନଟ ହୋଇଛନ୍ତି ୧୩୫ କରୋନା ଆକ୍ରାନ୍ତ। ଯାହା ଫଳରେ ଏଯାବତ୍ ଜିଲ୍ଲାରୁ ମୋଟ ୨୧ ହଜାର ୦୭୩ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସୁସ୍ଥ ହୋଇ ସାରିଛନ୍ତି ୧୯ ହଜାର ୨୩୩। ଏବେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୧୭୯୯ଜଣ। ଚିହ୍ନଟଙ୍କ ମଧ୍ୟରେ ବାସୁଦେବପୁର ପୌରପାଳିକାର ୯ ନଂ ୱାର୍ଡରୁ ଜଣେ, ବାସୁଦେବପୁର ବ୍ଲକର ଆନ୍ଦୋଳା, ଚୁଡାମଣି, ଇରମ, ସୁଗୋ ଗ୍ରାମରୁ ୫ଜଣ, ଭଦ୍ରକ ବ୍ଲକର ଆମ୍ବରୋଳି, ଅଣ୍ଡେଇପଲୀ, ଅର୍ଣ୍ଣପାଳ, ବେଲମଳା, ଏରେଇଁ, ଆରଡିଛକ, ଗେଲଟୁଆ, ଲାଙ୍ଗୁଡ଼ି, କରେଇପୁର, ଓଲଙ୍ଗ, ରାନ୍ଧିଆ ଓ ସାହାଡା ଗ୍ରାମରୁ ମୋଟ ୩୦ଜଣ, ତିହିଡ଼ି ବ୍ଲକର ସୟା, ଅଚକ, ପାଳିଆବିନ୍ଧା ଗ୍ରାମରୁ ମୋଟ ୫ଜଣ, ଧାମନଗର ବ୍ଲକର ବୟାଙ୍ଗଡିହି, ଦଳାଙ୍ଗ, ବାହାରବିଲ, ଫତେପୁର, ଗଡିଆଳି, କଲ୍ୟାଣୀ, କେଶପୁର, ପାତ୍ରପଡା ଆଦି ଗ୍ରାମରୁ ୧୮ଜଣ, ଭଣ୍ଡାରିପୋଖରୀ ବ୍ଲକର ଜଳମଣ୍ଡୁଆ, ଝୁଟଣା, ନାଆମୀ, ନପଙ୍ଗ, ନେରଡା, ଅରେଇକଣା, ରାଜେନ୍ଦ୍ରପୁର, ରଞ୍ଜିତ ଗ୍ରାମରୁ ମୋଟ ୧୧ଜଣ, ଧାମନଗର ଏନ୍ଏସିରୁ ୨ଜଣ, ଭଦ୍ରକ ପୌରପାଳିକାର ଉ ର ବାହିନୀ, ଗରଦପୁର, ବାଇପାସ୍, ଗବସାହିରୁ ୬ଜଣ, ବନ୍ତ ବ୍ଲକ ଆଡିଆ, ବଡମହିଷିଗୋଠ, ବିଟିପୁର, ପଳସା, ଓଡଙ୍ଗ, ପଧାନପଡା, ବାରିକପୁର ଗ୍ରାମରୁ ୧୧ଜଣ, ଚାନ୍ଦବାଲି ବ୍ଲକର ଓସ୍ତିଆ, ସରଦିଆ, ଭାଟପଡା, ବିଜୟନଗର, ଚରଦିଆ, ବଳଭଦ୍ରକପ୍ରସାଦ, ମହୁଲିଆ, ନଳଗୋହିରା, ମାଣିପୁର ଗ୍ରାମରୁ ମୋଟ ୧୬ଜଣ, ଚାନ୍ଦବାଲି ଏନ୍ଏସିରୁ ୧୩ଜଣଙ୍କ ସହିତ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଓ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକରୁ ୨ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଭଦ୍ରକ ଜିଲ୍ଲାର ୧୫ ଜଣ ବାହାର ଜିଲ୍ଲାରେ ଚିହ୍ନଟ ହୋଇଛନ୍ତି।

# କେନ୍ଦୁଝରରେ ଅମାନିଆଙ୍କ ଭିଡ:କୋରାନା ସଂକ୍ରମିତଙ୍କ ସଂଖ୍ୟା୬୮ :ଗୋଟିଏ ଦିନରେ ୧୮୦୨ ଟେଷ୍ଟ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ ଆଜି ପୁଣି ଉପରମୁହାଁ ହୋଇଛି କରୋନା ଗ୍ରାଫ । ଗତ ଦୁଇଦିନ ଧରି କରୋନା ସକ୍ରମିତଙ୍କ ସଂଖ୍ୟା ସାମାନ୍ୟ ହେଲେ ବି ବୃଦ୍ଧି ଘଟୁଛି । ଇତି ମଧ୍ୟରେ ସରକାରଙ୍କ ପକ୍ଷରୁ କେନ୍ଦୁଝର ଭଳି କେତେକ ଜିଲ୍ଲାରେ ଲକଡାଉନ ର ସମୟ ସୀମକୁ ସାମାନ୍ୟ କୋହଳ କରାଯିବା ପରେ ବଜାର ଘାଟ ସବୁଅଂଚଳରେ ଅମାନିଆଙ୍କର ଭିଡ ଲାଗି ରହୁଥିବା ବେଳେ ଏହି ବୃଦ୍ଧି ଘଟୁଥିବା ଲକ୍ଷ୍ୟ କରାଯାଉଛି । ଅନ୍ୟ ପକ୍ଷରେ ପ୍ରଶାସନ ପକ୍ଷରୁ ମଧ୍ୟ ସାମାନ୍ୟ କୋହଳ ମନୋଭାବ ପ୍ରଦର୍ଶନ କାରଣରୁ କଟକଣା ମଧ୍ୟରେ ରହିଥିବା ଅନେକ ଦୋକାନ ମଧ୍ୟ ଖୋଲି ସାରିଲାଣି । ଆଜି ଜିଲ୍ଲାରେ ୬୮ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ହାଟଡିହି ବ୍ଲକ ଅଂଚଳରେ ୧୫ ଜଣ ରହିଥିବା ବେଳେ ଘଷିପୁରା ଓ କେନ୍ଦୁଝର ସଦର ବ୍ଲକ ଅଂଚଳରେ ୮ ଜଣ ଲେଖାଁଏ ରହିଛନ୍ତି। ଅନୁରୁପ ଭାବେ ଚମ୍ପୁଆ ବ୍ଲକ , ଯୋଡା ବ୍ଲକ ଓ ଯୋଡା ମ୍ୟୁନିସପାଲଟି ଅଂଚଳରେ ୬ ଜଣଁ ଲେଖାଁଏ , କେନ୍ଦୁଝର ଗଡ ମ୍ୟୁନିସପାଲଟିରେ ୫ ଜଣ , ଆନନ୍ଦପୁର ବ୍ଲକ ଓ ସାହାରପଡା ବ୍ଲକ ଅଂଚଳରେ ୪ ଜଣ ଲେଖାଁଏ , ବଂଶପାଳ ବ୍ଲକ ଓ ହରିଚନ୍ଦନପୁର ବ୍ଲକ ଅଂଚଳରେ ୨ ଜଣ ଲେଖାଁଏ , ଆନନ୍ଦପୁର ମ୍ୟୁନିସପାଲଟି ଓ ତେଲକୋଇ ବ୍ଲକ ଅଂଚଳରେ ୧ ଜଣ ଲେଖାଁଏ ରହିଛନ୍ତି । ଅନ୍ୟ ପକ୍ଷରେ ଆଜିର ଏହି ଆକ୍ରାନ୍ତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକର ବାଉଁଶଗଡ , ବେଲବାହାଳୀ , କୋଡପଡା , ପଂଚୁପଲ୍ଲୀ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ଆନନ୍ଦପୁର ମ୍ୟୁନିସପାଲଟିର ୱାର୍ଡ ନଂ ୧୪ ରେ ୧ ଜଣ , ବଂଶପାଳ ବ୍ଲକର ଶୁଆକାଟୀ ଓ ତରମାକାନ୍ତ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ଚମ୍ପୁଆ ବ୍ଲକର କାଳିକାପ୍ରସାଦ , କାଶିପାଳ , ପଦ୍ମୁଆ ଓ ରଙ୍ଗମାଟିଆ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ ଏବଂ ଜଜପଶି ପଂଚାୟତ ଅଂଚଳରେ ୨ ଜଣ , ଘଷିପୁର ବ୍ଲକର ଗଁପୁର , ଖାଳିଆମେଟଂ , ପୁରୁଣାବାନ୍ଦଗୋଡା , ସାଇଁକୁଳ ଓ ତରୁଆଁ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ ଏବଂ ପଣ୍ଡୁଆ ପଂଚାୟତ ଅଂଚଳରେ ୩ ଜଣ ଲେଖାଁଏ , ହରିଚନ୍ଦନପୁର ବ୍ଲକର ମନୋହରପୁର ପଂଚାୟତ ଅଂଚଳରେ ୨ ଜଣ , ହାଟଡିହି ବ୍ଲକର ସାଳନିଆ ପଂଚାୟତ ଅଂଚଳରେ ୪ ଜଣ , ସମଣା ପଂଚାୟତରେ ୨ ଜଣ ଏବଂ ଆମ୍ବୋ , ଉଅଁର , ହଦଗଡ , କାଳିଗାଁ , ମରେଇଗାଁ , ଓରାଳୀ , ସଡଙ୍ଗ ,ଶସାଙ୍ଗ ସୁଲଣା ଆଦି ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ଯୋଡା ବ୍ଲକର ବଡକାଳୀମାଟି ପଂଚାୟତ ଅଂଚଳରେ ୪ ଜଣ ଓ ସମଣା ପଂଚାୟତ ଅଂଚଳରେ ୨ ଜଣ , ଯୋଡା ବ୍ଲକର ବଡକାଳୀମାଟା ପଂଚାୟତ ଅଂଚଳରେ ୪ ଜଣ ଓ ବଲାଣୀ ପଂଚାୟତ ଅଂଚଳରେ ୨ ଜଣ , ଯୋଡା ମ୍ୟୁନିସପାଲଟିର ୱାର୍ଡ ନଂ ୪ ଓ ୫ ରେ ୧ ଜଣ ଲେଖାଁଏ ଓ ୱାର୍ଡ ନଂ ୬ ରେ ୪ ଜଣ , କେନ୍ଦୁଝର ଗଡ ମ୍ୟୁନିସପାଲଟିର ୱାର୍ଡ ନଂ ୭ ରେ ୨ ଜଣ ଓ ୱାର୍ଡ ନଂ ୮ , ୯ ଓ ୧୬ ରେ ୧ ଜଣ ଲେଖାଁଏ , କେନ୍ଦୁଝର ସଦର ବ୍ଲକର ଗୋବର୍ଦ୍ଧନ ଓ ରାଇସୁଆଁ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ ଏବଂ ବୋଦାପଳଶା ପଂଚାୟତରେ ୬ ଜଣ , ସାହାରପଡା ବ୍ଲକର ଖଜିରପଟ , ଖୁଟଂପଡା , ତେଣ୍ଡରା ଓ ଉଦୟପୁର ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ତେଲକୋଇ ବ୍ଲକର ତେଲକୋଇ ପଂଚାୟତ ଅଂଚଳରେ ୧ ଜଣ ରହିଛନ୍ତି। ଫଳରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ମୋଟ ସଂଖ୍ୟା ୧୮୩୬୮ ରେ ପଂହଚିଅଛି ଏବଂ ସୁସ୍ଥ ସଂଖ୍ୟା ୧୭୮୩୮ ରହିଛି । ଏବଂ ଜିଲ୍ଲାରେ ଆକ୍ଟିଭ କେଶ ୪୭୪ ରହିଥିବା ବେଳେ ଗତ ୨୪ ଘଂଟା ମଧ୍ୟରେ ୧୮୦୨ ଟେଷ୍ଟ ହୋଇଛି ।

## ଅନଭିଜ୍ଞ କ୍ୱାକଙ୍କ ହାତରେ ଗ୍ରାମାଂଚଳ ର ସ୍ୱାସ୍ଥ୍ୟସେବା

ମାଲକାନଗିରି:ମାଲକାନଗିରି ଜିଲ୍ଲାର ଗ୍ରାମାଂଚଳରେ ରହୁଥିବା ଲୋକ ମାନେ ଶରୀର ଅସୁସ୍ଥ ହେଲେ ନିକଟସ୍ଥ ଡାକ୍ତରଖାନା, ଉପ ଡାକ୍ତରଖାନା କିମ୍ବା ଏଏନମ ଓ ଆଶା ଦିଦି ଙ୍କ ପାଖକୁ ନଯାଇ ସ୍ଥାନୀୟ କ୍ୱାକ୍ ପାଖକୁ ଯାଉଛନ୍ତି । କ୍ୱାକ୍ ମଧ ଅଭିଜ୍ଞ ଡାକ୍ତରଙ୍କ ଭଳି ରୋଗୀଙ୍କୁ ଔଷଧ, ଇଞ୍ଜେକସନ ଓ ସାଲାଇନ୍ ଦେଉଛନ୍ତି । ଏଥିସହ ସୁସ୍ଥ ପରିବେଶରେ ରୋଗୀସେବା ପରିବର୍ତେ ଗଛରେ ଟାଙ୍ଗୀ ସାଲାଇନ ଓ ଖୋଲାମେଲା ରେ ଇଞ୍ଜେକସନ ମଧ୍ଯ ଦେବାକୁ ପଛାଉ ନାହାଁନ୍ତି ଏହି କ୍ୱାକ୍ । ଏଭଳି ଏକ ବିସ୍ମୟକର ଚିତ୍ର ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଗିରିକାନପଲ୍ଲୀ ପଂଚାୟତ ଅନ୍ତର୍ଗତ ଇତଲଗୁଡା ଗ୍ରାମରେ । ଗତକାଲି ଏହି ଗ୍ରାମରେ ସ୍ଥାନୀୟ ଅଂଚଳର ଜଣେ କ୍ୱାକ୍ କିଛି ରୋଗୀଙ୍କୁ ମାଟି ଚଟାଣରେ ବିଛଣା ଉପରେ ଶୁଆଇ ପାଖରେ ଥିବା ଏକ ଗଛରେ ସାଲାଇନ ବୋତଲ କୁ ବାନ୍ଧି ଚିକିତ୍ସା କରୁଥିବା ଦେଖିବାକୁ ମିଳିଥିଲା। ଏଥିସହ ଖୋଲା ଆକାଶ ତଳେ ରୋଗୀଙ୍କୁ ଇଞ୍ଜେକସନ ଦେବା ସହ ଅଭିଜ୍ଞ ଡାକ୍ତରଙ୍କ ଭଳି ଚିକିତ୍ସା କରୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଅଂଚଳର ଅନେକ ସଂଖ୍ୟାରେ ରୋଗୀ ଅନଭିଜ୍ଞ କ୍ୱାକ୍ ଙ୍କ ଆତ୍ମବିଶ୍ୱାସ ଭରା କଥା ଓ ଯାଦୁକାରୀ ହାତ ଭାବି ଏଭଳି ଚିକିତ୍ସିତ ହେଉଥିବା ବେଳେ ସବୁ ଜାଣି ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ନୀରବଦ୍ରଷ୍ଟା ସାଜିଛି । ଯାହାଫଳରେ ଶହ ଶହ ସଂଖ୍ୟାରେ ରୋଗୀ ଏହି କ୍ୱାକ୍ ଙ୍କ ଠାରେ ଚିକିତ୍ସିତ ହୋଇ ବିପଦ ମୁହାଁ ହେଉଛନ୍ତି।

# ବିଭିନ୍ନ ଅନୁଷ୍ଠାନ ତରଫରୁ ଯୋଗ ଦିବସ ପାଳିତ

ଜୟପୁର:କୋରନା କଟକଣା ଯୋଗୁଁ ଏ ବର୍ଷ ସପ୍ତମ ଆନ୍ତର୍ଜାତୀୟ ଯୋଗ ଦିବସ ନିଜ ନିଜ ଘରେ ରହି ପାଳନ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ସରକାରୀ ମହିଳା ମହାବିଦ୍ୟାଳୟର ରାଷ୍ଟ୍ରିୟ ସେବା ଯୋଜନା ର କାର୍ଯ୍ୟକ୍ରମ ଅଧିକାରି ଓ ସ୍ୱେଚ୍ଛାସେବିମାନେ ଘରେ ରହି ଯୋଗାଭ୍ୟାସ ପୂର୍ବକ ଯୋଗ ଦିବସ ପାଳନ କରିଛନ୍ତି । ୨ ଦିନ ପୁର୍ବରୁ ସ୍ୱେଚ୍ଛାସେବୀମାନଙ୍କୁ ଯୋଗ ସମ୍ବନ୍ଧରେ ପ୍ରଶିକ୍ଷଣ ଦେବା ପାଇଁ ଜାତୀୟ ସେବା ଯୋଜନା ଅଧିକାରି ମନୋରଞ୍ଜନ ପ୍ରଧାନଙ୍କ ଆବାହନରେ ଏକ ଯୋଗ କର୍ମଶାଳା ଅନୁଷ୍ଠିତ ହୋଇଥିଲା । କର୍ମଶାଳାରେ ଶିଖିଥିବା ଯୋଗ, ପ୍ରାଣାୟମ, ଆସନ, ମୁଦ୍ରା ଓ ଧ୍ୟାନ ଅନୁଯାୟୀ ଆଜି ସ୍ୱେଚ୍ଛାସେବୀ ଗଣ ପରିବାର ସହ ଚମତ୍କାର ଯୋଗ ଅଭ୍ୟାସ କରିବା ସହ ଯୋଗ ପ୍ରତିଦିନ କରି ନିରୋଗ ରହିବାକୁ ପ୍ରତିଜ୍ଞା କରିଛନ୍ତି । ଏଥି ସହ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବି ଭାବେ ଯୋଗକୁ ଘରେ ଘରେ ପହଂଚାଇ ସୁସ୍ଥ ଭାରତ ଗଠନ ପାଇଁ ଶପଥ ନେଇଛନ୍ତି । ଭାରତୀୟ ଡାକ ବିଭାଗ କୋରାପୁଟ ଡାକ ମଣ୍ଡଳ ଜୟପୁର ଠାରେ ଯୋଗ ଦିବସ ପାଳିତ ହୋଇଛି । ମଣ୍ଡଳ ଅଧିନରେ ଥିବା ପୋଷ୍ଟ ଅଫିସରେ ଯୋଗ ଦିବସ ପାଳିତ ହୋଇଛି । କୋରାପୁଟ ଡିଭିଜନର ଡାକ କର୍ମଚାରୀମାନେ କୋରାପୁଟ ଡିଭିଜନ ଅଫିସ, ଜୟପୁର ମୁଖ୍ୟ ଡାକଘର, କୋରାପୁଟ ମୁଖ୍ୟ ଡାକ ଘର, ନବରଙ୍ଗପୁର ମୁଖ୍ୟ ଡାକ ଘର, ଏବଂ ମାଲକାନଗିରି ମୁଖ୍ୟ ଡାକ ଘରେ ଯୋଗ ଦିବସ ପାଳିତ ହୋଇଛି । ଏହି ଦିବସ ଉପଲକ୍ଷେ ଔଷଧୀୟ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜୟପୁର ପୋଷ୍ଟାଲ କଲୋନି, ଜୟପୁର ମୁଖ୍ୟ ଡାକ ଘର, କୋରାପୁଟ ମୁଖ୍ୟ ଡାକ ଘର, ନବରଙ୍ଗପୁର ମୁଖ୍ୟ ଡାକ ଘର , ମାଲକାନକିରି ମୁଖ୍ୟ ଡାକ ଘରେ ବରିଷ୍ଠ ଡାକ ଅଧିକ୍ଷକ ଆଇପିଓଏସ ମନୋଜ ପ୍ରଗଡାଙ୍କ ମାର୍ଗ ଗର୍ଶନରେ ଅନୁଷ୍ଠିତ ହୋଇଛି । ଆଜିର ଡାକରେ ଆସିଥିବା ଚିଠି ପତ୍ର ରେ ଏକ ବିଶେଷ ମୋହର ଲଗାଇ ବଂଟନ କରାଯାଇଛି ।

# କନ୍ଧମାଳ ବାରିକ ସମାଜ ତରଫରୁ ସେଲୁନ ଖୋଲିବାକୁ ଓ ଆର୍ଥିକ ସହାୟତା ଦାବୀ

କନ୍ଧମାଳ: ନିଖିଳ ଉତ୍କଳ ବାରିକ ସମାଜ କନ୍ଧମାଳ ଶାଖା ତରଫରୁ ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ କୋଭିଡ ସଂକ୍ରମଣ ଯୋଗୁଁ ଘୋଷଣା କରାଯାଇଥିବା ଲକଡାଉନ ଓ ସଟଡାଉନ ଯୋଗୁଁ ଦିର୍ଘ ଦେଢ ବର୍ଷ ଧରି ବନ୍ଦ ରହିଥିବା ସେଲୁନ ସବୁକୁ ଖୋଲିବାକୁ କନ୍ଧମାଳ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ସଂଘର ଜିଲ୍ଲା ସଭାପତି ଭାଗବତ ବେହେରାଙ୍କ ନେତୃତ୍ୱରେ ସମ୍ପାଦକ ଶଙ୍କର ବେହେରା,ଉପଦେଷ୍ଟା ସୁବାସ ବେହେରା,ଗୌରୀଶଙ୍କର ବେହେରା,ପ୍ରଶାନ୍ତ କୁମାର ବେହେରା,ଉପସଭାପତି ପ୍ରଶାନ୍ତ ଡାକୁଆ,ପଙ୍କଜ କୁମାର ବାରିକ,ମାନସ ଡାକୁଆ,ସୁମନ୍ତ ଡାକୁଆ,ବିପିନଚନ୍ଦ୍ର ବେହେରା,ଅକ୍ଷୟ କୁମାର ବାରିକ ବାବୁଲା ବେହେରା,ସୁମନ୍ତ ଡାକୁଆ ଏବଂ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ସଂଘର ଦାବୀ ଅନୁସାରେ ଗତ ପ୍ରାୟ ଦୁଇବର୍ଷ ହେଲା କରୋନା ସଂକ୍ରମଣ ଯୋଗୁଁ ରାଜ୍ୟରେ ବିଭିନ୍ନ ଅଂଚଳରେ ଲକଡାଉନ କରାଯିବା ସହିତ ଜିଲ୍ଲାରେ ଥିବା ସମସ୍ତ ଦୋକାନ ବଜାର ସବୁକୁ ବନ୍ଦ କରାଯାଥିଲା । କେବଳ ଅତ୍ୟାବଶ୍ୟକୀୟ ସାମଗ୍ରୀ ଗୁଡିକର ଦୋକାନ ସବୁକୁ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଖୋଲିବାକୁ ଅନୁମତି ରହିଥିଲା। ଅନ୍ୟ ସମସ୍ତ ଦୋକାନ ସବୁକୁ ଖୋଲିବାକୁ ଅନୁମତି ନଥିଲା । ଅନୁରୁପ ରାଜ୍ୟ ସମେତ କନ୍ଧମାଳ ଜିଲ୍ଲାରେ ଥିବା ସମସ୍ତ ସେଲୁନ୍ ସବୁ ମଧ୍ୟ କୋଭିଡର ପ୍ରଥମ ସଂକ୍ରମଣ କାଳରେ ହିଁ ବନ୍ଦ କରାଯାଇଥିଲା । ଯାହାର ପରିଣାମ ସ୍ୱରୁପ କନ୍ଧମାଳ ଜିଲ୍ଲାର ସମସ୍ତ ଅଂଚଳରେ ରହିଥିବା ପ୍ରାୟ ୩୦୦ ସେଲୁନ୍ର ମାଲିକ ଏବଂ ସେଥିରେ କାମ କରୁଥିବା ୪୦୦ କାରିଗର ମାନଙ୍କ ସମେତ ୭୦୦ ପରିବାରର ଲୋକଙ୍କୁ ଜୀବିକା ବିହୀନ ଭାବରେ ଅତି ଦୁର୍ଦ୍ଦିନରେ ଦିନ କାଟିବାକୁ ପଡୁଛି । ଦିର୍ଘ ଦେଢବର୍ଷ ହେଲା ସେମାନଙ୍କର ସେଲୁନ ସବୁ ବନ୍ଦ ରହିଥିବାରୁ ସେମାନେ ବିନା ରୋଜଗାରରେ ପରିବା ପୋଷଣ କରିବା କଠିନ ହୋଇପଡୁଛି । ଏହି ଅବସ୍ଥାରେ ଜିଲ୍ଲାର ୭ ଶହ ବାରିକ ଜାତିର ପରିବାରର ଲୋକ ମାନେ ଦାରିଦ୍ର୍ୟତା ଭିତରେ ଦିନ କାଟୁଛନ୍ତି । କିଛି ସେଲୁନ୍ ଦୋକାନୀ ମାନଙ୍କୁ ସେମାନଙ୍କ ଦୋକାନର ଭଡା,ବିଦ୍ୟୁତ୍ ବିଲ,ତାଙ୍କ ଦୋକାନରେ କାର୍ଯ୍ୟ କରୁଥିବା କାରିଗର ମାନଙ୍କର ଘରର ଖର୍ଚ୍ଚ ମଧ୍ୟ ବିନା ରୋଜଗାରରେ ବହନ କରିବାକୁ ପଡୁଛି । ସେଥିପାଇଁ ଅଧିକାଂଶ ସେଲୁନ ମାଲିକ ଧାରକରଜ କରି ଚଳୁଛନ୍ତି । ତଥାପି ସରକାରଙ୍କ କୋଭିଡ କଟକଣା ଏବଂ ନିଜ ପରିବାର ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାର ଥିବା ସମସ୍ତ ସେଲୁନ୍ ମାଲିକ ଓ କର୍ମଚାରୀ ମାନେ ସରକାଙ୍କର କୋଭିଡ ଗାଇଡଲାଇନକୁ ଏହି ଭଳି ଅସହ୍ୟ ଦାରିଦ୍ର୍ୟତା ଭିତରେ ମଧ୍ୟ ମାନି ଆସୁଛନ୍ତି । ତେଣୁ ସରକାର ଜିଲ୍ଲାରେ ଥିବା ସମସ୍ତ ସେଲୁନ ମାଲିକ ଏବଂ କାରିଗର ମାନଙ୍କୁ ସହାୟତା ପ୍ରଦାନ କରବାସହିତ ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ଦିଗରେ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି । ।ଅନ୍ୟ ପକ୍ଷରେ ବର୍ତମାନ କନ୍ଧମାଳ ଜିଲ୍ଲାରେ କରୋନା ସଂକ୍ରମଣ କମିଥିବାରୁ ସରକାରଙ୍କ ତରଫରୁ ଜିଲ୍ଲାରେ କୋଭିଡ କଟକଣା ସାମାନ୍ୟ କୋହଳ ହୋଇଛି ସେଥିପାଇଁ ଅନ୍ୟ ବ୍ୟବସାୟୀ ମାନଙ୍କର ରୋଜଗାରକୁ ଦୃଷ୍ଟିରେ ରଖି ଅଧିକ କିଛି ଦୋକାନ ମଧ୍ୟ ଖୋଲିବାକୁ ଅନୁମତି ପ୍ରଦାନ କରାଯାଇଛି । ତେଣୁ କନ୍ଧମାଳ ଜିଲ୍ଲା ବାରିକ ସଂଘ ତରଫରୁ ଜିଲ୍ଲାରେ ଥିବା ସମସ୍ତ ସେଲୁନ୍ ଦୋକାନ ଗୁଡିକୁ ସରକାରଙ୍କ କୋଭିଡ ଗାଇଡ ଲାଇନ ଅନୁସାରେ ଖୋଲିବାକୁ ଅନୁମତି ପ୍ରଦାନ କରିବାକୁ ଦାବୀ କରାଯାଇଛି ।

# ୱେବିନାର ମାଧ୍ୟମରେ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ଆର୍ନ୍ତଜାତୀୟ ଯୋଗ ଦିବସ ପାଳିତ

ବାରିପଦା: ଆର୍ନ୍ତଜାତୀୟ ଯୋଗ ଦିବସ ଉପଲକ୍ଷେ ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୱେବିନାର ମାଧ୍ୟମରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଜାତୀୟ ସେବା ଯୋଜନା ଅଧିକାରୀ ମୀରା ସେନାପତି ଅତିଥିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ସ୍ୱେଚ୍ଛାସେବୀ ଭାବନା ମହାଁ ମଞ୍ଚ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଏମ.ଏସ.ସି.ବି.ୟୁ ଜିଲ୍ଲା ସେବା ଯୋଜନା ଅଧିକାରୀ ଡ. ସ୍ମୃତି ରଂଜନ ଦାଶ ଆମନ୍ତ୍ରିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଯୋଗ ହିଁ




ମନୁଷ୍ୟ ତଥା ସମାଜକୁ ସୁସ୍ଥ ରଖିପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଡ. କମଳ କୁମାର କର ଜାତୀୟ ସେବା ଯୋଜନାର ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଆଡଭାଇଜର, ନୂଆଦିଲ୍ଲୀ କାର୍ଯ୍ୟକ୍ରମରେ ଯୋଗଦାନ କରି ଏପରି ପାଣ୍ଡେମିକ ସମୟରେ ଯୋଗ ହିଁ ଶରୀରକୁ ସୁସ୍ଥ ରଖି ପାରିବ ଏହାହିଁ ବଞ୍ଚିବାର ଉତ୍ସ ବୋଲି ପ୍ରକାଶ କରିଥିଲେ । ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ କୌଣସି କାରଣ ବଶତଃ ଯୋଗ ଦେଇ ପାରି ନ ଥିଲେ ମଧ ତାଙ୍କର ଆର୍ଶୀବାଦ ବାର୍ତ୍ତା ମାଧ୍ୟମରେ ଦେଇଥିଲେ । ବରିଷ୍ଠ ତହସିଲଦାର ବ୍ରହ୍ମାକୁମାରୀ ପ୍ରତିଭା ପୃଷ୍ଟି, ଝୁମ୍ପୁରା, କେନ୍ଦୁଝର, ମୁଖ୍ୟବକ୍ତାଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ ଯେ ଯୋଗ ପ୍ରତ୍ୟେକ ଦିନ ଅଭ୍ୟାସ କଲେ ମାନସିକ ସ୍ତରରେ ମଜବୁତ ହୋଇ ଆସୁଥିବା ପରିସ୍ଥିତିକୁ ସହଜରେ ଏଡାଇଦେଇ ପାରିବ । ସମ୍ମାନିତ ଅତିଥି ଅଧ୍ୟାପକ ଓୟୁଏଟିର ନିରୋଦବରଣ ଖୁଣ୍ଟିଆ ଯୋଗ ଦେଇ କହିଲେ ଯେ ନିଜକୁ ଠିକ ଭାବରେ ଜାଣି ପରମାତ୍ମାକୁ ଜାଣିବା ହିଁ ବାସ୍ତବିକ ଯୋଗ । ମହାରାଜା ଶ୍ରୀରାମଚନ୍ଦ୍ର ଭ ବିଶ୍ୱବିଦ୍ୟାଳୟର ପୂର୍ବତନ ସଂଯୋଜିକା ଉଷା ଶତପଥୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଆଜିର ଯୋଗ ସମସ୍ତଙ୍କ ପାଇଁ କଲ୍ୟାଣକାରୀ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ଏନ.ଏସ.ଏସ. ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ବିଜୟା ନାୟକ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ ।

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ସହ ନିତି ଆୟୋଗ ଆଡ୍ଭାଇଜରୀ ଟିମ୍ର ଆଲୋଚନା

ଭୁବନେଶ୍ୱର:କେନ୍ଦ୍ର ନିତି ଆୟୋଗର ଏକ ତିନି ଜଣିଆ ଟିମ୍ ଖାରବେଳ ଭବନଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ଏହି ଟିମ୍ ରେ ନିତି ଆୟୋଗର ଏସ୍ଡିଜି ଓ ଗ୍ରାମୀଣ ବିକାଶର ପରାମର୍ଶଦାତ୍ରୀ ଶ୍ରୀମତୀ ସଂଯୁକ୍ତା ସମାଦାର, ଏସ୍ଡିଜି ଅଧିକାରୀ ଆଲେନ୍ ଜନ୍ ଏବଂ ଏସ୍ଡିଜିର ବରିଷ୍ଠ ପରାମର୍ଶଦାତା ସୁନ୍ଦର ମିଶ୍ର ଅଛନ୍ତି। ପଶ୍ଚିମ ଓଡ଼ିଶାର ଗ୍ରାମୀଣ ବିକାଶ କ୍ଷେତ୍ରରେ କେତେକ ଅଭିନବ ପ୍ରକଳ୍ପ କାର୍ଯ୍ୟକାରୀ ଦିଗରେ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସଂପର୍କରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ତ୍ରିପାଠୀ ସମ୍ୟକ ଧାରଣା ଦେଇଥିଲେ। ଏଥି ସହିତ ନିତି ଆୟୋଗର କେତେକ ପୋଷଣୀୟ ଯୋଜନା ଉପରେ ବଶେଷ ଭାବେ ଆଲୋଚନା କରାଯାଇଥିଲା ।

# ଦିଲ୍ଲୀ ସ୍ଥିତ ସିଜିଏଚ୍ଏସ୍ ଡିସପେନସେରୀ ହସ୍ପିଟାଲର ଟିକା କେନ୍ଦ୍ର ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାରଙ୍କ ଦ୍ୱାରା ବିଶ୍ୱର ସର୍ବବୃହତ ମାଗଣା ଟିକାକରଣ ଅଭିଯାନ ସୋମବାର ଠାରୁ ଆରମ୍ଭ ହୋଇଯାଇଥିବା ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଲ୍ଲୀର ସରୋଜିନୀ ନଗର ସ୍ଥିତ ସିଜିଏଚଏସ ଡିସପେନସେରୀ ହସ୍ପିଟାଲର ଟିକା କେନ୍ଦ୍ରକୁ ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟକର୍ମୀ ଏବଂ ଟିକା ନେଉଥିବା ବ୍ୟକ୍ତି ମାନଙ୍କ ସହ ଆଲୋଚନା କରିଛନ୍ତି।ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶ୍ୱର ସର୍ବବୃହତ ମାଗଣା ଟିକାକରଣ ଅଭିଯାନ ଆଜି ଠାରୁ ଆରମ୍ଭ ହୋଇଥିବା ବେଳେ ନାଗରିକମାନଙ୍କ ମଧ୍ୟରେ ଟିକା ନେବା ପାଇଁ ବହୁତ ଉତ୍ସାହ ଦେଖାଯାଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ମାଗଣାରେ ଟିକା ଦେବାର ବ୍ୟବସ୍ଥା କରିଛନ୍ତି। ଭାରତର ସବୁ ନାଗରିକଙ୍କୁ ମାଗଣାରେ ଆରମ୍ଭ ହୋଇଥିବା ଏହି ଟିକା ଅଭିଯାନରେ ସହଯୋଗ କରିବା ସହ ଶୃଙ୍ଖଳାର ସହ କୋଭିଡ୍ ନିୟମ ମାନି ଟିକା ନେବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ସେହିପରି ଦେଶର ପ୍ରତ୍ୟେକ ନାଗରିକଙ୍କୁ ଟିକା ନେବା ପାଇଁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ।ଭାରତ ସ୍ୱଦେଶୀ ଟିକା ପ୍ରସ୍ତୁତ କରିବା ନେଇ ନାଗରିକମାନେ ଗର୍ବ କରୁଛନ୍ତି। ସେମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କନେତୃତ୍ୱରେ ଆତ୍ମବିଶ୍ୱାସ ରଖିଛନ୍ତି। ଏହାସହ ସମସ୍ତ ଅଭିଯାନରେ ମୋଦି ସରକାରଙ୍କ ମାଗଣାରେ ଟିକା ନେବାର ପରିଚାଳନା ନେଇ ଖୁସିବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ଆଜି ଠାରୁ କୋ-ୱିନ୍ ପ୍ଲାଟଫର୍ମରେ ମଧ ବିନା ପଞ୍ଜିକରଣରରେ ଲୋକମାନେ ଟିକା ନେଇପାରିବେ। ନାଗରିକଙ୍କୁ ଟିକା ନେବା ପାଇଁ ୱେବସାଇଟରେ ପଞ୍ଜିକରଣ ସହ ୱାକ୍-ଇନର ବ୍ୟବସ୍ଥା ମଧ ଉପଲବ୍ଧ ରହିଛି। ଏହି ପଦକ୍ଷେପ ସମାଜର ପ୍ରତ୍ୟେକ ବର୍ଗ ବିଶେଷ ଭାବରେ ସମାଜର ଗରିବ ଏବଂ ଅସହାୟଙ୍କ ପାଖରେ ଟିକା ପହଁଚାଇବାରେ ଅଧିକ ସହାୟକ ହେବ।ଆମକୁ ଟିକାକରଣକୁ ଜନଆନ୍ଦୋଳନ ଭାବରେ ପରିଣତ କରିବାକୁ ପଡ଼ିବ। ସମସ୍ତଙ୍କୁ ଟିକାକରଣ କରିବା,ଗୁଜବକୁ ପ୍ରତିହତ କରି ଟୀକା ଦ୍ୱନ୍ଦ୍ୱ ଦୂର କରିବାରେ ସାହାଯ୍ୟ କରିବା ଏବଂ ମାଗଣାରେ ଟୀକାକରଣ କରିବାକୁଅନ୍ୟ ଲୋକଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଛନ୍ତି। ଏକାଠି ସମସ୍ତେ କୋଭିଡକୁ ପରାସ୍ତକରିପାରିବା ବୋଲି ସେ କହିଛନ୍ତି।




Bhubaneswar Wednesday June 23, 2021 ଭୁବନେଶ୍ୱର ବୁଧବାର, ଜୁନ୍ ୨୩,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

## ଉବର୍ ପକ୍ଷରୁ ଅନ୍-ଡିମାଣ୍ଡ ଅକ୍ସିଜେନ୍ କନ୍ସେନ୍ଟ୍ରେଟର୍ ଯୋଗାଇବା ପାଇଁ ଏଏମ୍‌ଟିଜେଡ୍ ସହ ସହଭାଗିତା




ଭୁବନେଶ୍ୱର : ଦେଶରେ ଅମ୍ଳଜାନର ବର୍ଦ୍ଧିତ ଚାହିଦାକୁ ପୂରଣ କରିବାର ଏକ ପ୍ରୟାସରେ ଉବର୍ ପକ୍ଷରୁ ଆଜି ଦେଶର ୧୨ଟି ସହରରେ ଜୀବନ ରକ୍ଷାକାରୀ ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର୍‌ର ଅନ୍-ଡିମାଣ୍ଡ ରେଂଟାଲ୍ ଡେଲିଭରି ସର୍ଭିସ୍ ପ୍ରଦାନ କରିବା ପାଇଁ ଆନ୍ଧ୍ରପ୍ରଦେଶ ମେଡ୍‌ଟେକ୍ ଜୋନ୍ ଲିମିଟେଡ୍ (ଏଏମ୍‌ଟିଜେଡ୍) ସହିତ ସହଭାଗିତା ଘୋଷଣା କରାଯାଇଛି । ହୋମ୍ ଆଇସୋଲେଶନରେ ଥିବା କୋଭିଡ୍ ପଜିଟିଭ ରୋଗୀମାନେ ଓ୨ ହୋମ୍ ଆପ୍ ମାଧ୍ୟମରେ ଦିନକୁ ୩୦୦ରୁ ୪୦୦ ଟଙ୍କାର ଏକ ସୁଲଭ ମୂଲ୍ୟରେ ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର୍ ଭଡାରେ ନେବାକୁ ସକ୍ଷମ ହୋଇପାରିବେ । ଏହି ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର୍‌ଗୁଡିକର ସୁବିଧାଜନକ, ସୁଗମ ଓ ସୁରକ୍ଷିତ ଡୋର୍‌ଷ୍ଟେପ୍ ଡେଲିଭରି ସକ୍ଷମ କରିବ । ଏହି ସେବା ଦେଶର ୧୨ଟି ସହର ଯେପରିକି ବିଶାଖାପାଟଣା, ଲକ୍ଷ୍ନୌ, ହାଇଦ୍ରାବାଦ, ଇନ୍ଦୋର, କୋଏମ୍ବାଟୁର, ଗୌହାଟି, ନାଗପୁର, ଭୁବନେଶ୍ୱର, ବେଙ୍ଗାଲୁରୁ, ପୁନେ, ଜୟପୁର ଓ ରାୟପୁରରେ କାର୍ଯ୍ୟକ୍ଷମ ହେଉଛି । ଏହି ସହଭାଗିତା ୯୦ରୁ ଅଧିକ ସହରରେ ବ୍ୟାପ୍ତ ଥିବା ଉବର୍‌ର ଏକ୍ସଟେନ୍‌ସିଭ୍ ମୋବିଲିଟି ନେଟ୍‌ୱର୍କ ମାଧ୍ୟମରେ ଏହି ସେବାକୁ ଆହୁରି ୧୨ରୁ ଅଧିକ ସହରକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ । ଏହି ଆହ୍ୱାନପୂର୍ଣ୍ଣ ସମୟରେ ଉବର୍‌ର ପ୍ଲାଟ୍‌ଫର୍ମରେ ଡ୍ରାଇଭରମାନଙ୍କ ପାଇଁ ରୋଜଗାର ସୁଯୋଗକୁ ବୃଦ୍ଧି କରିବାରେ ସହାୟକ ହେବ । ଏହି ଅଭିଯାନ ସମ୍ପର୍କରେ ମତ ରଖି ମାନ୍ୟବର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ୍ ଗଡକରି କହିଛନ୍ତି, ଯଥାସମ୍ଭବ ଲୋକଙ୍କ ଜୀବନ ବଂଚାଇବାରେ ସାହାଯ୍ୟ କରିବା ପାଇଁ କ୍ଷମତା ନିର୍ମାଣ କରି ସାମୂହିକ ଭାବେ କୋଭିଡ୍-୧୯ ମହାମାରୀର ମୁକାବିଲା କରିବା ହେଉଛି ଆମର ଲକ୍ଷ୍ୟ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅସହାୟ ଲୋକମାନଙ୍କୁ ସେବା ପ୍ରଦାନ କରିବା ଈଶ୍ୱରଙ୍କ ସେବା ସହ ସମାନ । ଉବର୍‌ର ବିସ୍ତୃତ ମୋବିଲିଟି ନେଟ୍‌ୱର୍କ ସହ ମିଳିତ ଭାବେ ଏକ ସୁଲଭ ଦରରେ ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର୍ ପ୍ରଦାନ କରିବା ପାଇଁ ଏଏମ୍‌ଟିଜେଡ୍‌ର ଅଭିଯାନ ପ୍ରତ୍ୟେକ ଘରକୁ ସୁଗମତା ଓ ଦକ୍ଷତାର ସହିତ ଅମ୍ଳଜାନ ସହାୟତା ଯୋଗାଇବା ସୁନିଶ୍ଚିତ କରିବ । ଏଏମ୍‌ଟିଜେଡ୍‌ର ପ୍ରତିଷ୍ଠାତା, ସିଇଓ ଓ ଏମ୍‌ଡି ଡଃ ଜିତେନ୍ଦ୍ର ଶର୍ମା କହିଛନ୍ତି, ଅନେକ ମେଡିକାଲ ଡିଭାଇସ୍ ସହିତ ଏଏମ୍‌ଟିଜେଡ୍ ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର୍ ମଧ୍ୟ ଉତ୍ପାଦନ କରୁଛି କିନ୍ତୁ କିଛି ଦିନ ପାଇଁ ବ୍ୟବହାର ଲାଗି ସେଗୁଡିକୁ କିଣିବା ଜଣେ ସାଧାରଣ ଲୋକ ପାଇଁ ମହଙ୍ଗା ହୋଇପାରେ । ଓ୨ ହୋମ୍: ପାନ୍ ଇଣ୍ଡିଆ ଆଫର୍ଡେବୁଲ୍ ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର୍ ରେଂଟାଲ ପ୍ରୋଗ୍ରାମ ହେଉଛି ଏକ ସେବା ଉଦ୍ଭାବନ ଯେଉଁଠାରେ ଏହାର ସହଭାଗିତାର ଅତୁଳନୀୟ ଶକ୍ତି ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର୍‌ଗୁଡିକୁ ଅସହାୟ ଲୋକଙ୍କ ନିକଟରେ ଉପଲବ୍ଧ କରୁଛି ଏବଂ ତାହାବି ସୁଲଭ ଦରରେ । ଏହି ସହଭାଗିତା ସମ୍ପର୍କରେ ଉବର୍ ଇଣ୍ଡିଆ ଓ ସାଉଥ୍ ଏସିଆର ଅଧ୍ୟକ୍ଷ ପ୍ରଭଜିତ ସିଂହ କହିଛନ୍ତି, ଏହି ଜୀବନରକ୍ଷାକାରୀ ଅଭିଯାନ ପାଇଁ ଏଏମ୍‌ଟିଜେଡ୍ ସହିତ ସହଭାଗିତା କରି ଆମେ ଆନନ୍ଦିତ । ଆମର ପ୍ରୟାସଗୁଡିକ ସାମ୍ପ୍ରତିକ କୋଭିଡ୍-୧୯ ୨ୟ ଲହର ସମୟରେ ଅକ୍ସିଜେନ୍ ପାଇଁ ବର୍ଦ୍ଧିତ ଚାହିଦାକୁ ପୂରଣ କରିବାରେ ସହାୟକ ହେବ ଏବଂ ଦେଶକୁ ବିଶେଷଜ୍ଞଙ୍କ ଦ୍ୱାରା ଆକଳନ କରାଯାଉଥିବା ସମ୍ଭାବ୍ୟ ୩ୟ ଲହର ପାଇଁ ଭଲ ଭାବେ ପ୍ରସ୍ତୁତ ହେବାରେ ସାହାଯ୍ୟ କରିବ ।

## ଚିତ୍ରକୋଣ୍ଡା ରେ ବିଶ୍ୱ ଯୋଗ ଦିବସ ପାଳିତ

ମାଲକାନଗିରି:ବିଶ୍ୱ ଯୋଗ ଦିବସ ଅବସରରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଠାରେ କୋଭିଡ ନିୟମ ପାଳନ ପୂର୍ବକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଯୋଗ ଶିକ୍ଷକ ଇନ୍ଦ୍ର ଲାମା ଶିବିରରେ ବିଭିନ୍ନ ପ୍ରକାର ବ୍ୟାୟାମ, ଆସନ ଓ ପ୍ରାଣାୟାମ ମାନକରି ଦେଖାଇଥିଲେ ତାକୁ ଅନୁସରଣ କରି ସମସ୍ତେ ଯୋଗ କରିଥିଲେ । ଶ୍ରୀ ଲାମା କହିଥିଲେ ଯୋଗ ଓ ଆୟୁର୍ବେଦ ଶାସ୍ତ୍ର ହେଉଛି ଏକ ବିଜ୍ଞାନ ସମ୍ମତ ତେଣୁ ଏହାର ଉପଯୋଗରେ ଆମେ ବହୁତ ଲାଭ ପାଇପାରିବା । ବିଶେଷ କରି ଆମ ଭିତରେ ଥିବା ସମସ୍ତ ସକାରାତ୍ମକ ଶକ୍ତି କୁ ଜାଗ୍ରତ କରିପାରିବା । କରୋନା ଆକ୍ରାନ୍ତ ଙ୍କ ଫୁସଫୁସ ଅଧିକ ସଂକ୍ରମିତ ହେଉଛି ଏଥିପାଇଁ ୩ ଟି ପ୍ରାଣାୟମ ନିହାତି ଆବଶ୍ୟକ । ଏହି ଯୋଗ ଶିବିରରେ ବୁଲୁ ସେଠି, ଚନ୍ଦ୍ରକାନ୍ତ ମାଝୀ, ଟୁକୁନା ସେଠି, କାହ୍ନୁ ଚରଣ ବେହେରା, ସ୍ମୃତି ରଞ୍ଜନ ନାୟକ, ଦେବବ୍ରତ ପ୍ରଧାନ, ଅଲି ଖାନ, ଚିତ୍ତରଞ୍ଜନ ମହାରଣା, ଓ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ରହି ଯୋଗ ଅଭ୍ୟାସ କରିଥିଲେ ।

## ଗ୍ୟାଙ୍ଗଷ୍ଟର ଟିଟୋର ଦୁଇ ଦାଦାପୁଅ ଭାଇଙ୍କୁ ଏସଟିଏଫ ଗିରଫ କଲା



କେନ୍ଦ୍ରାପଡ଼ା : ଗ୍ୟାଙ୍ଗଷ୍ଟର ଟିଟୋର ଦୁଇ ଦାଦାପୁଅ ଭାଇଙ୍କୁ ଏସଟିଏଫ ଗିରଫ କରି କୋର୍ଟ ଚାଲାଣ କରିଛି । ଭୁବନେଶ୍ୱର ଏସଟିଏଫର ଇନସପେକ୍ଟର ଅଶୋକ କୁମାର ଗିରିଙ୍କ ନେତୃତ୍ୱରେ ଏକ ଟିମ କେନ୍ଦ୍ରାପଡାରେ ପହଞ୍ଚି ଟାଉନ ଥାନା ପୋଲିସ ସହାୟତାରେ ସୋମବାର ରାତିରେ ଚଢାଉକରି ଦିଲାରପୁରସ୍ଥିତ ବାସଭବନରୁ ଗ୍ୟାଙ୍ଗଷ୍ଟର ଟିଟୋର ଦୁଇ ଦାଦାପୁଅ ଭାଇଙ୍କୁ ଗିରଫ କରିଥିଲା । ସେହି ଅଭିଯୁକ୍ତ ଦ୍ୱୟଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବାରିମୂଳସ୍ଥିତ ଉପକାରାଗାରକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି । ଏସ.ଟି.ଏଫ.କେଶ ନମ୍ବର ୧୦/୨୦୧୮ରେ ଆଇ.ପି.ସି.ର ଦଫା ୪୪୭, ୫୦୬ ଓ ୪୩ ସମେତ ୨୫ ଓ ୨୭ଆର୍ମସ ଆକ୍ଟରେ (ବେଆଇନ ଭାବେ ମାରଣାସ୍ତ୍ର ପାଖରେ ରଖିବା)ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଏସଟିଏଫ ଇନସପେକ୍ଟର ଶ୍ରୀ ଗିରିଙ୍କ ଠାରୁ ସୂଚନା ମିଳିଛି । ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ଦିଲାରପୁର ଗ୍ରାମର ଗ୍ୟାଙ୍ଗଷ୍ଟର ଟିଟୋର ଦାଦା ସୟଦ ଜହର ଅଲ୍ଲୀଙ୍କ ପୁଅ ସଦାମ ଓରଫ ସୟଦ ସଦାମ ଅଲ୍ଲୀ(୨୬) ଏବଂ ପାପା ଓରଫ ସୟଦ ଜାହିଦ ଅଲ୍ଲୀ(୩୦) । ଏସଟିଏଫର ଏହି ଚଢାଉରେ ଟାଉନ ଥାନା ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କ ସମେତ ପୋଲିସ ଫୋର୍ସ ସାମିଲ ଥିଲେ ।

## ଟୀକା କେନ୍ଦ୍ରରେ ଫଟୋ ଓ ବେନର ନେଇ ଉତ୍ତେଜନା

ବାଲେଶ୍ୱର: ରାଜ୍ୟ ସରକାର ମେ ୧ ତାରିଖ ପାଖରୁ ରାଜ୍ୟରେ ୧୮ରୁ ୪୪ ବର୍ଷ ବୟସ୍କ ଲୋକଙ୍କୁ ମାଗଣାରେ ଟୀକାକରଣ କରିବାର ୪୫ ଦିନ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଯୁବାବର୍ଗଙ୍କ ଟୀକାକରଣରେ ବିଶେଷ କିଛି ଉନ୍ନତି ଆସିନଥିଲା । ଫଳରେ ଲୋକଙ୍କ ମନରେ ନୈରାଶ୍ୟରେ ବତାବରଣ ସୃଷ୍ଟି ହୋଇଥିଲା । ସେହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ ୨୧ ତାରିଖଠାରୁ କେନ୍ଦ୍ର ପକ୍ଷରୁ ସମସ୍ତଙ୍କୁ ନିଃଶୁଳ୍କ ଟୀକା ପ୍ରଦାନ କରାଯିବା ନେଇ ଘୋଷାଣା ପରେ ସମସ୍ତେ ଆଶ୍ୱସ୍ତ ହୋଇଥିଲେ । ସେହି ପରିପ୍ରେକ୍ଷୀରେ ସହରର ଗାନ୍ଧିସ୍ମୃତୀ ଭବନଠାରେ ୨୧ ତାରିଖଠାରୁ ଟୀକାକରଣ କାର୍ଯ୍ୟକର୍ମ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଖବର ଦିଆଯାଇଥିଲା । ଏହି ସ୍ୱତନ୍ତ୍ର ଟୀକା ଦାନ ଉତ୍ସବକୁ ଜିଲ୍ଲାପାଳ ଉଦ୍‌ଘାଟନ କରିବାର ଥିଲା । ଉଦ୍‌ଘାଟନ ପୂର୍ବରୁ ବିଜେପିର କର୍ମକର୍ତ୍ତା ଓ କର୍ମୀମାନେ ନବୀନ ବାବୁଙ୍କର ଫଟୋ, ବେନର ଓ ପ୍ରଜେକ୍ଟର ମାଧ୍ୟମରେ ବାର୍ତ୍ତା ପ୍ରେରଣକୁ ଘୋର ବିରୋଧ କରିଥିଲେ । ଏନେଇ ବିଜେପି କର୍ମକର୍ତ୍ତା ଓ କର୍ମୀମାନେ ଏହି ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଲାଗିଥିବା ରିବନ ଫିତାକୁ ଛିଣ୍ଡାଇ ଖସାଇ ପକାଇଥିଲେ ।

## କେନ୍ଦ୍ରାପଡା ଜିଲ୍ଲାର ହଜାର ହଜାର ନିର୍ମାଣ ଶ୍ରମିକଙ୍କୁ କୋଭିଡ ସହାୟତା ମିଳିନଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ଜିଲ୍ଲାର ହଜାର ହଜାର ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ କୋଭିଡ ସହାୟତା ମିଳିନଥିବା ବେଳେ ପଞ୍ଜିକରଣ ପାଇଁ ଆବେଦନ କରିଥିବା ନିର୍ମାଣ ଶ୍ରମିକମାନଙ୍କୁ ବର୍ଷ ବର୍ଷ ଧରି ପଞ୍ଜିକରଣ କାର୍ଡ ମିଳୁନଥିବା କେନ୍ଦ୍ରୀୟ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ଜିଲ୍ଲା ପ୍ରାଶାସନ ନିକଟରେ ବହୁବାର ଅଲୋଚନା ଏବଂ ଆନ୍ଦୋଳନ ସତ୍ତ୍ୱେବି ସମସ୍ୟାର କୌଣସି ପ୍ରତିକାର ହୋଇପାରି ନାହିଁ । ବିଗତ ୨୦୧୯ ଡିସେମ୍ବର ମାସରୁ କୋଭିଡ ରିଲିଫ ସହାୟତା ନିମିତ୍ତ ଆସିଥିବା ଅର୍ଥ ପାଇବାରୁ ପ୍ରାୟ କୋଡିଏ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଏ ପର୍ଯ୍ୟନ୍ତ ବଂଚିତ ହୋଇଛନ୍ତି । ଜିଲ୍ଲା ପ୍ରଶାସନ ସହିତ ବହୁବାର ଅଲୋଚନା ଏବଂ ଅନ୍ଦୋଳନ ହୋଇଥିଲେ ମଧ୍ୟ ଉକ୍ତ ଅର୍ଥ ବିଭିନ୍ନ ବ୍ଲକ ଏବଂ ପୌରସଂସ୍ଥା କାର୍ଯ୍ୟାଳୟରେ ପଡିରହିଛି । ପୁନଃରାୟ ତିନିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ସମସ୍ତ ପଞ୍ଜିକୃତ ଶ୍ରମିକମାନଙ୍କ ନିମିତ୍ତ ସହାୟତା ଅର୍ଥ ମଞ୍ଜୁର ହୋଇଛି । ଏହାର ସୁଚାରୁ ପରିଚାଳନା ଓ ବଣ୍ଟନ ନିମିତ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ କି ପ୍ରକାର ପ୍ରସ୍ତୁତି କରାଯାଉଛି ନା ପୂର୍ବଥର ବଂଚିତ ହୋଇଥିବା ଶ୍ରମିକମାନେ ପୁନର୍ବାର ବଂଚିତ ହେବେକି ? ବର୍ଷବର୍ଷ ଧରି ହଜାର ହଜାର ନିର୍ମାଣ ଶ୍ରମିକଙ୍କ ଅବେଦନ ପତ୍ର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପଡି ରହିଛି । ସଂପୃକ୍ତ ଡି.ଏଲ୍.ସି ୨୦୨୦ ଜୁଲାଇ ମାସରେ ଶ୍ରମ କାର୍ଯ୍ୟାଳୟରେ ଯୋଗଦେଇଥିଲେ ମଧ୍ୟ ନିଜ ଦାୟିତ୍ୱରେ ମହିଳା ଏବଂ ପୁରୁଷମାନଙ୍କ ଅବେଦନ ପତ୍ରକୁ ଅଲଗାକରି ରଖିବାଟା ହିଁ ସାର ହୋଇଛି । ଶିଳ୍ପ କାରଖାନା ନଥିବା ଏବଂ କୋଭିଡ ପାଇଁ ବିଦେଶରୁ ଫେରିଆସି ଭୋକ ଉପାସରେ ଥିବା ଶ୍ରମିକମାନଙ୍କୁ ପଞ୍ଜିକୃତ ନକରି କାଳକ୍ଷେପଣ ନୀତି ଗ୍ରହଣ କରାଯାଉଥିବା ଅଭିଯୋଗ ହୋଇଛି । ତୁରନ୍ତ ପଡି ରହିଥିବା ଅବେଦନପତ୍ର ଗୁଡିକୁ ପଞ୍ଜିକୃତ କରାଯିବା ସହ କୋଭିଡ ସହାୟତାରୁ ବଞ୍ଚିତ ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ପ୍ରଦାନ କରାଯିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି । ନଚେତ ଏକ ସପ୍ତାହ ପରେ କୋଭିଡ ନିୟମ ପାଳନ ପୂର୍ବକ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏ.ଆଇ.ଟି.ୟୁ.ସି.ର ବାବାଜୀ ଧଳ, ସି.ଆଇ.ଟି.ୟୁ.ର ଜଗତଜୀବନ ଦାଶ, ମୁକ୍ତାର ଖାଁ, ରମଣୀରଞ୍ଜନ ରାଉତରାୟ, ବସନ୍ତ କୁମାର ସେଠୀ, କୃଷ୍ଣଚନ୍ଦ୍ର ରାଉତ, ଅଜିତ କୁମାର ପରିଡା, ସୁହାନା ବେଗମ, ରମେଶ ମଲ୍ଲିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ସିଲେରୁ ନଦୀରୁ ନିଖୋଜ ଯୁବକର ଶବ ଉଦ୍ଧାର

ମାଲକାନଗିରି: ଗତ ୧୯ ତାରିଖ ସନ୍ଧ୍ୟା ୫ ଟାରୁ ଘରୁ ନିଖୋଜ ଥିବା କାହ୍ନକ୍ଷ ର ମୃତ ଦେହକୁ ସିଲେରୁ ନଦୀର ବନ ଦୁର୍ଗା ମନ୍ଦିର ଘାଟରୁ କୋରକୁଣ୍ଡା ଅଗ୍ନିଶମ ବାହିନୀ ଙ୍କ ଦ୍ୱାରା ଆଜି ଉଦ୍ଧାର କରାଯାଇଛି । ଗତ ୧୯ ତାରିଖ ସନ୍ଧ୍ୟା ସମୟରୁ ଦୀପ୍ତିମାନ ଦେବାଶିଷ ମିଶ୍ର ( କାହ୍ନକ୍ଷ ) ନିଖୋଜ ଥିବା କଥା ଜଣା ପଡିଥିଲା । ବହୁ ଖୋଜା ଖୋଜି ପରେ ନିକଟରେ ଥିବା ସିଲେରୁ ନଦୀର ଦୁର୍ଗା ଘାଟ ଠାରେ ଏକ ଡଙ୍ଗା ବୁଡି ଥିବା ନେଇ ଖବର ଜଣାପଡିଥିଲା । ଏ ସଂକ୍ରାନ୍ତରେ ଚିତ୍ରକୋଣ୍ଡା ପୋଲିସ ଓ ସ୍ଥାନୀୟ ତହସିଲଦାର ଙ୍କୁ ଖବର ଦିଆଯାଇଥିଲା ।

## ୱେଲ୍‌ଫେୟାର ୱାର୍ଡ ପକ୍ଷରୁ ବିଶ୍ୱ ଯୋଗ ଦିବସ




ଭୁବନେଶ୍ୱର: ଟାଟା କମ୍ପାନୀ ସହାୟତାରେ ୱେଲ୍‌ଫେୟାର ୱାର୍ଡ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସୁଖ ସାଗର ବୃଦ୍ଧାଶ୍ରମରେ ବିଶ୍ୱ ଯୋଗ ଦିବସ ପାଳନ ଅବସରରେ ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ବୃଦ୍ଧାଶ୍ରମରେ ଟାଟା କମ୍ପାନୀର ସଦସ୍ୟମାନେ ଅନ୍ତେବାସୀମାନଙ୍କୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ବଂଟନ କରିଛନ୍ତି । ଏହି ବୃଦ୍ଧାଶ୍ରମଟି ନୂଆଗାଁ ପେଟ୍ରୋଲ୍ ପମ୍ପ ପଛପାଖରେ ଥିବା ରୋଡ୍ ନମ୍ବର-୯, ରାଧାକାନ୍ତ ନଗରରେ ଅବସ୍ଥିତ । ଏଠାରେ ବହୁ ଅବହେଳିତ ବୃଦ୍ଧବୃଦ୍ଧାମାନେ ରହୁଛନ୍ତି । ଏହି ଯୋଗ ଦିବସ ପାଳନ ଅବସରରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଟାଟା କମ୍ପାନୀର ସଦସ୍ୟମାନେ ଅନ୍ତେବାସୀମାନଙ୍କୁ ଯୋଗର ଉପକାରିତା ସମ୍ବନ୍ଧରେ ଅବଗତ କରାଇଥିଲେ ଏବଂ କହିଥିଲେ ନିରୋଗ ଜୀବନ ପାଇଁ ଯୋଗ ଏକାନ୍ତ ଜରୁରୀ । ମଣିଷ ଶରୀରର ୮ଟି ଅଙ୍ଗ ଯଥା- ୨ ପାପୁଲି, ୨ ଆଣ୍ଠୁ, ୨ କହୁଣୀ, ମସ୍ତକ ଏବଂ ବାମଗୋଡର ବୃଦ୍ଧାଙ୍ଗୁଳି ଦ୍ୱାରା ସାଷ୍ଟାଙ୍ଗ ପ୍ରଣାମ କରାଯାଏ । ଏହା ଦିନକୁ ଅତିକମ୍‌ରେ ୧୨ଥର କରିପାରିଲେ ଶରୀର ଓ ମନ ପବିତ୍ର ଓ ସୁସ୍ଥ ରହିବା ସହ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହୋଇଥାଏ । ତେଣୁ ପ୍ରତ୍ୟେକ ବୃଦ୍ଧବୃଦ୍ଧା ଦୈନିକ ଏକଘଂଟା ଯୋଗ ଓ ପ୍ରାଣାୟାମ କରିବା ଏକାନ୍ତ ଆବଶ୍ୟକ । ଏହି କାର୍ଯ୍ୟକ୍ରମର ଆବାହକ ପ୍ରକାଶ ନାୟକ, ଜୟରାମ ସ୍ୱାଇଁ, ମଦନ ମୋହନ ବିଶ୍ୱାଳ ଏବଂ ପବିତ୍ର ମୋହନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସୁରୁରୂପେ ପରିଚାଳନା କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray